# ଉତ୍କଳ ପ୍ରସଙ୍ଗ



ସେପ୍ଟେମ୍ବର-୧୯୬୯

Sept - 1969
July - 1969
June - 1969
May - 1969
March - 1969
February - 1969
January - 1969



ଅଗଷ୍ଟ ୧୫ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ଏକବିଂଶତମ ସ୍ୱାଧୀନତା ଦିବସ ପରେଡ୍‌ରେ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଅଭିବାଦନ ଗ୍ରହଣ କରୁଛନ୍ତି ।

ସ୍ୱାଧୀନତା ଦିବସ ଉପଲକ୍ଷେ ରାଉରକେଲାଠାରେ ଅନୁଷ୍ଠିତ ହୋଇଥିବା ପରେଡ୍ ।



# ଉତ୍କଳ ପ୍ରସଙ୍ଗ


| ୨୬ଶ ଭାଗ | ସେପ୍ଟେମ୍ବର ୧୯୬୯<br>ଭାଦ୍ର ୧୮୯୧ | ୨ୟ ସଂଖ୍ୟା |
|---|---|---|


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଗ୍ରହଣ କରିବା ଉଚିତ ନୁହେଁ ।

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।


ପ୍ରକାଶନ ସମୟ—ପ୍ରତି ମାସ ୧୫ ତାରିଖ

ସମ୍ପାଦକ—ହେରମ୍ବ ନାରାୟଣ ଦାସମହାପାତ୍ର,
ଆଇ.ଏ.ଏସ୍.,
ନିର୍ଦ୍ଦେଶକ, ଲୋକସମ୍ପର୍କ ଓ ପର୍ଯ୍ୟଟନ,
ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା ସରକାର ।

ସହକାରୀ ସମ୍ପାଦକ—ବିଶ୍ୱଜିତ୍ ଦାସ

ମୂଲ୍ୟ—ପ୍ରତିଖଣ୍ଡ ୨୦ ପଇସା

ପ୍ରକାଶକ— ସ୍ୱରାଷ୍ଟ୍ର, ବିଭାଗ, ଓଡ଼ିଶା

ଟେଲିଗ୍ରାମ— ପବ୍ଲିସିଟି


## ପ୍ରବନ୍ଧଗୁଡ଼ିକର କ୍ରମିକ ଧାରା

ପୃଷ୍ଠା


୧ । ଆମ ଆଗରେ ଏକ ବ୍ୟାପକ ନୂତନ ଦିଗନ୍ତ ଉନ୍ମୁକ୍ତ । ୧

୨ । ସ୍ୱାଧୀନତାର ବାଇଶ ବର୍ଷ ପରେ ଓଡ଼ିଶା । ୯

୩ । ସହରାଞ୍ଚଳରେ ଅପରିମଳ ପ୍ରବାହ ଓ ସଫାଇ ପ୍ରବାହ ଚାଳନ । ୧୩

୪ । ସ୍ୱାସ୍ଥ୍ୟୋପଯୋଗୀ ବ୍ୟବସ୍ଥା ... ୧୭

୫ । ଆଜିର କାଶ୍ମୀର ... ୨୧

୬ । ହିନ୍ଦୁସ୍ଥାନ ଇସ୍ପାତ୍ କମ୍ପାନୀର ନକ୍ସା ଓ ପରାମର୍ଶ ବ୍ୟବସ୍ଥା । ୨୫

୭ । ରପ୍ତାନି ବାଣିଜ୍ୟର ବିକାଶପାଇଁ ଶିଳ୍ପ ସଂପ୍ରସାରଣ ଓ ଉତ୍ପାଦନ ବୃଦ୍ଧି । ୨୭

୮ । ଆମ କୃଷକ ଓ କୃଷି—
ଉନ୍ନତ କିସମର ଜୁଆର ଓ ବାଜରା ଚାଷ । ୨୯


### ପ୍ରଚ୍ଛଦ ପଟ୍ଟ

ଶ୍ରୀ ବରାହ ଗିରି ଭେଙ୍କଟ ଗିରି ଭାରତର ରାଷ୍ଟ୍ରପତିରୂପେ ଶପଥ ଗ୍ରହଣ କରୁଛନ୍ତି (୨୪-୮-୧୯୬୯)

ଭାରତର ଅସ୍ଥାୟୀ ପ୍ରଧାନ ବିଚାରପତି ମାନ୍ୟବର ଶ୍ରୀ ଜେ. ସି. ଶାହା ତାଙ୍କୁ ଶପଥ ପାଠ କରାଉଛନ୍ତି ।

# ଭାରତର ରାଷ୍ଟ୍ରପତି ଶ୍ରୀ ଭି. ଭି. ଗିରି

## (ସଂକ୍ଷିପ୍ତ ପରିଚୟ)

ଶ୍ରୀ ବରାହ ଗିରି ଭେଙ୍କଟ ଗିରି ଓଡ଼ିଶାର ବ୍ରହ୍ମପୁରଠାରେ ୧୮୯୪ ମସିହା ଅଗଷ୍ଟ ୧୦ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ବ୍ରହ୍ମପୁରର ଖଲ୍ଲିକୋଟ କଲେଜରୁ ସ୍ନାତକ ଉପାଧି ଲାଭ କରିବା ପରେ ସେ ଡବଲିନସ୍ଥ ଆୟାରଲଣ୍ଡ ଜାତୀୟ ବିଶ୍ୱ ବିଦ୍ୟାଳୟରେ ଯୋଗ ଦେଇଥିଲେ । ଏଠାରୁ ସେ 'ବାର୍-ଆଟ୍-ଲ' ପାଶ୍ କରିଥିଲେ ।

ଭାରତକୁ ଫେରିବା ସଙ୍ଗେ ସଙ୍ଗେ ଶ୍ରୀ ଗିରି ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ । ଅଳ୍ପ ଦିନ ମଧ୍ୟରେ ସେ ଟ୍ରେଡ ୟୁନିୟନବାଦକୁ ନିଜର କାର୍ଯ୍ୟକ୍ଷେତ୍ରରୂପେ ଗ୍ରହଣ କରିଥିଲେ ।

ଯେଉଁ କେତେଜଣ ବ୍ୟକ୍ତି ନିଖିଳ ଭାରତୀୟ ଟ୍ରେଡ୍ ୟୁନିୟନ କଂଗ୍ରେସ ଗଠନ କରିବା ଦିଗରେ ଉଦ୍ୟମ ଚଳାଇଥିଲେ, ଶ୍ରୀ ଗିରି ସେମାନଙ୍କ ମଧ୍ୟରେ ଅନ୍ୟତମ । ସେ ଦୁଇଥର ଏହି ସଂଗଠନର ସଭାପତିରୂପେ କାର୍ଯ୍ୟ କରିଥିଲେ ।

ଜୀବନର ବହୁକାଳ ସେ ନିଖିଳ ଭାରତ ରେଳ କର୍ମଚାରୀ ସଙ୍ଘ ଗଠନ କରିବାରେ ଅତିବାହିତ କରିଥିଲେ । ସେ ସାତ ବର୍ଷ କାଳ ଏହି ସଙ୍ଘର ସାଧାରଣ ସମ୍ପାଦକ ଥିଲେ ଏବଂ ପରେ ଆଉରି ସାତବର୍ଷ ପର୍ଯ୍ୟନ୍ତ ଏହାର ସଭାପତିରୂପେ କାର୍ଯ୍ୟ କରିଥିଲେ ।

୧୯୨୭ ମସିହାରେ ଜେନେଭାଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଶ୍ରମ ସଂଗଠନ ସମ୍ମିଳନୀରେ ସେ ନିଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସର ପ୍ରତିନିଧିରୂପେ ଯୋଗ ଦେଇଥିଲେ ଏବଂ ଶ୍ରମିକମାନଙ୍କ ପ୍ରତିନିଧିରୂପେ ସେ ୧୯୩୧ ମସିହାରେ ଲଣ୍ଡନଠାରେ ଅନୁଷ୍ଠିତ ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଯୋଗ ଦେଇଥିଲେ ।

ଶ୍ରୀ ଗିରି ଜଣେ ପ୍ରବୀଣ ବ୍ୟବସ୍ଥାପକ । ୧୯୩୭ ମସିହାରେ ମାଦ୍ରାଜ ବିଧାନ ସଭାର ସଦସ୍ୟରୂପେ ନିର୍ବାଚିତ ହେଲା ପରେ ସେ ମାଦ୍ରାଜ ପ୍ରଦେଶର ପ୍ରଥମ ଲୋକପ୍ରିୟ ମନ୍ତ୍ରୀମଣ୍ଡଳରେ ୧୯୩୭ ଠାରୁ ୧୯୩୯ ମସିହା ପର୍ଯ୍ୟନ୍ତ ଶ୍ରମ ଓ ଶିଳ୍ପ ମନ୍ତ୍ରୀରୂପେ କାର୍ଯ୍ୟ କରିଥିଲେ । ୧୯୪୬ ମସିହାର ସାଧାରଣ ନିର୍ବାଚନରେ ସେ ପୁନର୍ବାର ମାଦ୍ରାଜ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ ଏବଂ ପ୍ରାୟ ଏକ ବର୍ଷ କାଳ ଶ୍ରମ ମନ୍ତ୍ରୀରୂପେ କାର୍ଯ୍ୟ କରିଥିଲେ । ୧୯୪୭ ମସିହାରେ ମାଦ୍ରାଜ ମନ୍ତ୍ରୀମଣ୍ଡଳ ଇସ୍ତଫା ପ୍ରଦାନ କରିବା ପରେ ସେ ୧୯୫୦ ମସିହା ପର୍ଯ୍ୟନ୍ତ ସିଂହଳରେ ଭାରତର ହାଇ କମିଶନରରୂପେ କାର୍ଯ୍ୟ କରିଥିଲେ ।

୧୯୫୨ ମସିହା ସାଧାରଣ ନିର୍ବାଚନରେ ଶ୍ରୀ ଗିରି କଂଗ୍ରେସ ପ୍ରାର୍ଥୀରୂପେ ମାଦ୍ରାଜ ପ୍ରଦେଶର ପଥାପଟ୍ଟନମ ନିର୍ବାଚନମଣ୍ଡଳୀରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ନିର୍ବାଚିତ ହେବାର କେତେକ ମାସ ପରେ ଶ୍ରୀ ଗିରି ୧୯୫୨ ମସିହା ମଇ ମାସରେ ଭାରତ ସରକାରଙ୍କ ଶ୍ରମ ମନ୍ତ୍ରୀରୂପେ ଯୋଗଦେଇ ୧୯୫୪ ମସିହା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ସେହି ପଦରେ କାର୍ଯ୍ୟ କରିଥିଲେ ।

ଶ୍ରୀ ଗିରି ଜଣେ ପ୍ରବୀଣ ଟ୍ରେଡ଼ ୟୁନିୟନବାଦୀ ତଥା ପ୍ରଶାସକ । ଏହା ବ୍ୟତୀତ ସେ ଜଣେ ସଫଳ କୂଟନୀତିଜ୍ଞ ମଧ୍ୟ ଅଟନ୍ତି । ୧୯୩୭ ମସିହାରେ ସେ ତତ୍‌କାଳୀନ ଜାତୀୟ ଯୋଜନା କମିଟିର ଆବାହକ ଥିଲେ । ସ୍ୱର୍ଗତ ପ୍ରଧାନ ମନ୍ତ୍ରୀ ନେହେରୁ ଏହି କମିଟିର ଅଧ୍ୟକ୍ଷ ଥିଲେ ।

ଶ୍ରୀ ଗିରି ୧୯୫୬ ମସିହାରୁ ୧୯୬୦ ମସିହା ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ରାଜ୍ୟପାଳ ଏବଂ ୧୯୬୧ ମସିହାରୁ ୧୯୬୫ ମସିହା ପର୍ଯ୍ୟନ୍ତ କେରଳର ରାଜ୍ୟପାଳରୂପେ କାର୍ଯ୍ୟ କରିଥିଲେ । ତାହାପରେ ସେ ମହୀଶୂରର ରାଜ୍ୟପାଳରୂପେ କାର୍ଯ୍ୟ କରୁଥିବା ଅବସ୍ଥାରେ ଭାରତର ଉପରାଷ୍ଟ୍ରପତିରୂପେ ନିର୍ବାଚିତ ହୋଇଥିଲେ ।

ଶ୍ରୀ ଗିରି ୧୯୬୯ ମସିହା ଅଗଷ୍ଟ ମାସରେ ଭାରତର ରାଷ୍ଟ୍ରପତିରୂପେ ନିର୍ବାଚିତ ହୋଇଛନ୍ତି ।



# ଗୁରୁ ଦିବସ ଉପଲକ୍ଷେ

## ମୁଖ୍ୟମନ୍ତ୍ରୀ

## ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ

## ବାର୍ତ୍ତା

ଜାତି ଗଠନ କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଅତି ମହାନ୍ । ସାମାଜିକ ପରିବର୍ତ୍ତନ ଅଥବା ପୁନର୍ଗଠନ ପାଇଁ ଯେ କୌଣସି ପରିକଳ୍ପନାର ପ୍ରବର୍ତ୍ତନ କିମ୍ବା କାର୍ଯ୍ୟକାରିତା ଦିଗରେ ଶିକ୍ଷାନୁଷ୍ଠାନଗୁଡିକ ସାଧାରଣତଃ ମାଧ୍ୟମ ରୂପେ କାର୍ଯ୍ୟକରିଥାଏ । "ସଂପ୍ରତି ଶ୍ରେଣୀ-ଗୃହରେ ଭାରତର ଭବିଷ୍ୟତ ରୂପରେଖ ନେଉଛି" ବୋଲି ଯଥାର୍ଥରେ କୁହାଯାଇଥାଏ । ଯୁବସମାଜର ଚରିତ୍ର ଗଠନ ତଥା ଚିନ୍ତାଧାରାକୁ ରୂପ ଦେବା ଦିଗରେ ପାରମ୍ପରିକ ଭୂମିକା ସହିତ ଶିକ୍ଷକମାନଙ୍କର ଆଧୁନିକ ଆଭିମୁଖ୍ୟ, ପ୍ରଗତିଶୀଳ ବିଚାରଧାରା ଏବଂ ଦୂରଦୃଷ୍ଟି ଆବଶ୍ୟକ । କେବଳ ଶ୍ରେଣୀ-ଗୃହରେ ପ୍ରଦତ୍ତ ଶିକ୍ଷାଦ୍ୱାରା ନୁହେଁ, ଶିକ୍ଷକ ତାଙ୍କର ଜୀବନଯାପନ ପ୍ରଣାଳୀ ଓ ଉଦାହରଣଦ୍ୱାରା ଛାତ୍ରମାନଙ୍କୁ ଅନୁପ୍ରାଣିତ କରିପାରିବେ ।

ଏ ସମସ୍ତ ଅତ୍ୟନ୍ତ ମହାନ୍ ଦାୟିତ୍ୱ ଏବଂ ଏଗୁଡିକୁ ସନ୍ତୋଷଜନକ ଭାବେ ତୁଲାଇପାରିବା ପାଇଁ ଶିକ୍ଷକ ସଦାସର୍ବଦା ଆମ ମନରେ ସ୍ଥାନ ପାଇବା ଉଚିତ । ଶିକ୍ଷକ ଯେଉଁ ପରିମାଣରେ ସମାଜର ସମର୍ଥନ ଲାଭ କରିପାରିବେ, ଦେଶର ଭବିଷ୍ୟତ ନାଗରିକମାନଙ୍କୁ ପ୍ରସ୍ତୁତ କରି ଗଠନ କରିବା ଦିଗରେ ତାଙ୍କର ଭୂମିକା ସେହି ପରିମାଣରେ ଶକ୍ତିଶାଳୀ ହେବ । ଆମେ ସମସ୍ତେ ତାଙ୍କ ନିକଟରେ ଚିର ଋଣୀ ।

ପୂର୍ବଭଳି ଚଳିତ ବର୍ଷ ସେପ୍ଟେମ୍ବର ମାସ ୫ ତାରିଖରେ ଗୁରୁଦିବସ ପାଳନ କରାଯାଉଛି । ଏହି ଅବସରରେ ଆମେ, ଶିକ୍ଷକ ଓ ତାଙ୍କର କାର୍ଯ୍ୟ, ତାଙ୍କର ସେବା ଏବଂ ତାଙ୍କର କର୍ତ୍ତବ୍ୟନିଷ୍ଠା ଉପଲବ୍ଧି କରି ତାହାଙ୍କୁ ଯଥୋଚିତ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଶିକ୍ଷକମାନଙ୍କ କଲ୍ୟାଣ ନିମନ୍ତେ ଗଠିତ ଜାତୀୟ ପାଣ୍ଠିକୁ ମୁକ୍ତ ହସ୍ତରେ ଯଥା-ସମ୍ଭବ ଦାନ କରିବା ଉଚିତ ।

# ଗୁରୁ ଦିବସ ଉପଲକ୍ଷେ

# ଶିକ୍ଷାମନ୍ତ୍ରୀ

# ଶ୍ରୀ ବନମାଳୀ ପଟ୍ଟନାୟକଙ୍କ

# ବାର୍ତ୍ତା



ଗୁରୁପୂଜା ଆମ ଭାରତୀୟ ସଂସ୍କୃତିର ପରମ୍ପରା ଏବଂ ଏହି ଐତିହ୍ୟ ରକ୍ଷା କରିବା ପାଇଁ ଆମର ପୂର୍ବତନ ରାଷ୍ଟ୍ରପତି ଗୁରୁଶ୍ରେଷ୍ଠ ଶ୍ରୀ ରାଧାକୃଷ୍ଣନଙ୍କ ଜନ୍ମ ଦିବସ ସେପ୍ଟେମ୍ବର ୫ ତାରିଖକୁ ଗୁରୁଦିବସ ରୂପେ ଘୋଷଣା କରାଯାଇଥିଲା । ଏଣୁ ଏହି ଦିବସର ବିଶେଷ ତାତ୍ପର୍ଯ୍ୟ ରହିଛି ।

ଜୀବନସାରା ଶିକ୍ଷା ଚାଲିଥାଏ । ପ୍ରତ୍ୟେକ କ୍ଷେତ୍ରରେ କେହି ନା କେହି ଗୁରୁ ଥାଆନ୍ତି, କିନ୍ତୁ ଆଜି ଦିବସରେ ଆମର ଯେ ଆଦ୍ୟଗୁରୁ ତାଙ୍କୁ ସ୍ମରଣ କରିବାକୁ ପଡ଼ିବ ।

ଏହି ଗୁରୁ ଦିବସରେ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେବା ଅଭିଭାବକମାନଙ୍କର ପ୍ରଥମ କର୍ତ୍ତବ୍ୟ । ଯେଉଁ ଛାତ୍ର ନିଜେ ଗୁରୁଙ୍କୁ ସମ୍ମାନ ବା ଭକ୍ତି କରି ଜାଣେ ନାହିଁ, ତା'ର ଶିକ୍ଷାର କୌଣସି ମୂଲ୍ୟ ନାହିଁ ।

ଏହି ଅବସରରେ ଆମେ ଅଭିଭାବକ ଭାବରେ ଜାତୀୟ ଶିକ୍ଷକ କଲ୍ୟାଣ ପାଣ୍ଠିକୁ ଦାନ କରିବାକୁ ମୁଁ ନିବେଦନ କରୁଛି ।

# ଆମ ଆଗରେ ଏକ ବ୍ୟାପକ ନୂତନ ଦିଗନ୍ତ ଉନ୍ମୁକ୍ତ

ଭାରତର ସ୍ୱାଧୀନତାର ଦ୍ୱାବିଂଶ ବାର୍ଷିକୀ ଉପଲକ୍ଷେ ଲାଲକିଲ୍ଲାଠାରେ ପ୍ରଦତ୍ତ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ହିନ୍ଦୀଭାଷଣର ମର୍ମାନୁବାଦ



ଆଜି ପୁଣି ଥରେ ଆମ୍ଭେମାନେ ଏହି ଐତିହାସିକ ପୀଠରେ ସମବେତ ହୋଇଥାଉଁ । ଏହି ଦିବସଟି ଆମ ଦେଶର ଇତିହାସରେ ଗୋଟିଏ ମାଇଲ ଖୁଣ୍ଟ ସଦୃଶ । ଅତୀତରେ ଆମେ ଯେଉଁସବୁ ସଫଳତା ଅର୍ଜନ କରିଛୁ ଏବଂ ଯେଉଁସବୁ ବିଫଳତା ମଧ୍ୟ ଲାଭ କରିଛୁ, ସେଥିପ୍ରତି ଏହା ଦୃଷ୍ଟିପାତ କରିବାର ସମୟ । ଏହା ସଙ୍ଗେ ସଙ୍ଗେ ଭବିଷ୍ୟତ ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ, କେଉଁ ବାଟରେ ଆମକୁ ଗତି କରିବା କଥା ଏବଂ ବାସ୍ତବିକ ଆମେ କେଉଁ ଆଡ଼କୁ ଗତି କରୁଛୁ ତାହା ବିଚାରିବାପାଇଁ ମଧ୍ୟ ଏହା ସୁଯୋଗ ଦିଏ ।

ଆଜି ଏ ଦିବସରେ ମୁଁ ଆପଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ଏହା ହେଉଛି ସେହିଦିନ, ଯେଉଁ ଦିନ ଆମେ ଆମର ପୂଜ୍ୟ ନେତାମାନଙ୍କୁ ସ୍ମରଣ କରୁ, ଆମର ଯେଉଁ ଶହୀଦମାନେ ଦେଶ-ମାତୃକାର ସେବାପାଇଁ ନିଜର ପ୍ରାଣବଳି ଦେଇଥିଲେ, ନିଜର ସୁଖ ଓ ସବୁ କିଛି ଜଳାଞ୍ଜଳି ଦେଇଥିଲେ, ସେମାନଙ୍କୁ ସ୍ମରଣ କରୁ । ମହାତ୍ମା ଗାନ୍ଧୀଙ୍କୁ ଆମେମାନେ ଯଥାର୍ଥରେ ଜାତିର ଜନକ-ରୂପେ ବର୍ଣ୍ଣନା କରିଥାଉଁ । ଲଲକଲ୍ଲା ଶବ୍ଦ ଉଲ୍ଲେଖ ମାତ୍ରକେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କର ସ୍ମୃତି ଆମର ମନଶ୍ଚକ୍ଷୁ ଆଗରେ ସ୍ୱତଃ ଭାସି ଉଠେ । ଏ ଦେଶର ଏଭଳି କୌଣସି ପ୍ରାନ୍ତ ନାହିଁ ଯେଉଁଠି ଜବାହରଲାଲ ନେହରୁଙ୍କର ପାଦ ପଡି ନ ଥିଲା ଏବଂ ଯାହାକି ତାଙ୍କର ସ୍ମୃତିକୁ ଧାରଣ କରିନାହିଁ ।

ଆଜିକୁ ୫୦ ବର୍ଷ ପୂର୍ବେ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ହୋଇଥିଲା । ଯହିଁରେ ଶତଶତ ନରନାରୀ, ଶିଶୁ, ଯୁବକ ଓ ବୃଦ୍ଧ ବିଦେଶୀ ଶାସକର ଗୁଳିରେ ପ୍ରାଣ ବିସର୍ଜନ କରିଥିଲେ । ତାହାହିଁ ଦେଶର ସ୍ୱାଧୀନତା ସଂଗ୍ରାମରେ ଏକ ନୂତନ ଅଧ୍ୟାୟର ଆରମ୍ଭ କଲା । ଏ ବର୍ଷ ଆମେ ସେହି ଦାରୁଣ ଦୁଃଖଦାୟକ ଘଟଣାର ୫୦ ତମ ବାର୍ଷିକୀ ପାଳନ କରିଛୁ । ଏହି ଘଟଣା ପରେ ଆମେ ରାଭି ନଦୀ କୂଳରେ ପୂର୍ଣ୍ଣ ସ୍ୱାଧୀନତାର ଶପଥ ଗ୍ରହଣ କରିଥିଲୁ । ଏହାପରେ ପୁଣି କରାଚୀ, ଲକ୍ଷ୍ନୌ, ଆବାଡ଼ି ଓ ଭୁବନେଶ୍ୱର-ଠାରେ ଆମେ କ୍ରମାନ୍ୱୟରେ ସଂକଳ୍ପ କରି ଆସିଥିଲୁ ଆମର ନୀତି ଓ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ଦୃଢ଼ପଦରେ ଅଗ୍ରସର ହେବାପାଇଁ । ତଦନୁଯାୟୀ ଆମେମାନେ ଉଚିତ ମାର୍ଗରେ ଅଗ୍ରସର ହୋଇଛୁ ।

ବିଗତ କେତେବର୍ଷ ମଧ୍ୟରେ ଆମ ଦେଶରେ ଗ୍ରାମାଞ୍ଚଳରେ ଯାହା ଯାହା ସାଧିତ ହୋଇଛି, କୃଷିକ୍ଷେତ୍ରରେ ଯେଉଁ ଉନ୍ନତି ଘଟିଛି ଏବଂ ସାଧାରଣଭାବେ ଆମେ ଯେଉଁ ଅଗ୍ରଗତି କରିଛୁ ସେ ସଂପର୍କରେ ଆପଣମାନେ ସଚେତ ଅଛନ୍ତି । ଖାଦ୍ୟଶସ୍ୟର ଉତ୍ପାଦନ ବଢ଼ିଛି । ଜମିଦାରୀ ଉଚ୍ଛେଦଦ୍ୱାରା ଆମେ ଆମର ସର୍ବାପେକ୍ଷା ଦଳିତ ଓ ଅତ୍ୟାଚାରିତ କୃଷକମାନଙ୍କର ଦୁଃଖ ଦୂର କରିବାକୁ ଚେଷ୍ଟା କରିଛୁ । କିନ୍ତୁ ଆମେ ଜାଣୁ ଯେ ଆମର ସବୁ ଚେଷ୍ଟା ସତ୍ତ୍ୱେ କେତେକ ତ୍ରୁଟି ମଧ୍ୟ ରହିଯାଇଛି । କୃଷି ଓ ଶିଳ୍ପ କ୍ଷେତ୍ରରେ କେବଳ ଯେ ବିପୁଳ ଅଗ୍ରଗତି ହୋଇଛି ତାହା ନୁହେଁ ; ଦେଶରେ ଯେତେ ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠାନ ମୁଣ୍ଡ ଟେକିଛି, ସେଗୁଡ଼ିକ ସ୍ୱାଧୀନତା ପ୍ରାପ୍ତି ପରେହିଁ ହୋଇଛି । ତାହାହିଁ ବିଶେଷ ଉଲ୍ଲେଖଯୋଗ୍ୟ । ପୁଣି ଅଧିକ ଉଲ୍ଲେଖଯୋଗ୍ୟ ହେଉଛି, କେବଳମାତ୍ର ସ୍ୱତନ୍ତ୍ର କ୍ଷେତ୍ରରେହିଁ ଆମେମାନେ ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠା-ପାଇଁ ଚେଷ୍ଟାକରି ଆସିଛୁ । ଏକଚାଟିଆ କାରବାର ଲୋପପାଇଁ ଚେଷ୍ଟା କରିଛୁ । ଅବଶ୍ୟ ଆମେ ଜାଣୁ ଯେ ଏ ଦିଗରେ ଆମର ଚେଷ୍ଟା କେବଳ ମାତ୍ର ଆଂଶିକ ଭାବରେହିଁ ସାଫଲ୍ୟମଣ୍ଡିତ ହୋଇଛି ; ଆମର ସବୁ ଲକ୍ଷ୍ୟ ପୂରଣ ହୋଇ ପାରି ନାହିଁ । ସ୍ୱତନ୍ତ୍ର କ୍ଷେତ୍ରରେ ବଡ଼ ବଡ଼ ଶିଳ୍ପମାନ ପ୍ରତିଷ୍ଠିତ ହୋଇଛି ଏବଂ ଏବେ ବି ହେଉଛି । ଏହିସବୁ ସ୍ୱତନ୍ତ୍ର ଶିଳ୍ପ ଦେଶର କେତେକ ଲୋକେ ସମାଲୋଚନା କରିବାକୁ ଆରମ୍ଭ କରିଛନ୍ତି । କିନ୍ତୁ ନିରପେକ୍ଷଭାବେ ବିଚାର କଲେ ଜଣାପଡ଼ିବ ଯେ ସେଗୁଡ଼ିକ ଦେଶ ଉନ୍ନୟନରେ କାର୍ଯ୍ୟ କରୁଛନ୍ତି । ସେହିସବୁ ଯୋଜନାରୁ ସେମାନେ କିଭଳିଭାବେ ଉପକୃତ ହୋଇଛନ୍ତି, ଆମ କୃଷୀମାନେ ତାହା ଉତ୍ତମରୂପେ ଜାଣନ୍ତି ।

ସେମାନଙ୍କର ଜଳ, ବିଦ୍ୟୁତ୍‌ଶକ୍ତି ଏବଂ ଅନ୍ୟାନ୍ୟ ବସ୍ତୁଜନିତର ଆବଶ୍ୟକତା ମେଣ୍ଟାଇ ହୋଇ ପାରିଛି ଆନ୍ତୁରିମଧ୍ୟ ଆମେ ଜାଣୁ ଯେ ଏଭଳି ଅନ୍ୟ କେତେ ସ୍ୱତନ୍ତ୍ର ଶିଳ୍ପ ସଂସ୍ଥା ଅଛି ଯେଉଁଗୁଡ଼ିକ କି ସେ

ପ୍ରୋତ୍ସାହଜନକ ସ୍ୱାର୍ଥରେ ପରିଚାଳିତ ହେବା ଉଚିତ, ତାହା ହେଉନାହିଁ । କିନ୍ତୁ ସେଗୁଡ଼ିକର ଅବସ୍ଥାର ଉନ୍ନତି ପାଇଁ ଆମ୍ଭେମାନେ ସର୍ବପ୍ରକାର ଚେଷ୍ଟା କରୁଛୁ । କାରଣ ସେଗୁଡ଼ିକ କେବଳ ଯେ ସରକାରୀ ସମ୍ପତ୍ତି ତାହା ନୁହେଁ, ଜନସାଧାରଣଙ୍କର ସମ୍ପତ୍ତି ମଧ୍ୟ । ସେଗୁଡ଼ିକରୁ ଯେତେ ଶୀଘ୍ର ଲାଭ ମିଳିବ ଯେତେ ଭଲଭାବରେ ସେଗୁଡ଼ିକ ପରିଚାଳିତ ହେବ, ଦେଶର ଜନତା ସେତେ ଲାଭବାନ ହେବେ । ପ୍ରତ୍ୟେକ କ୍ଷେତ୍ରରେ ଆଜି ଆମର ଦେଶ ଆଗେଇ ଚାଲିଛି । ଅବଶ୍ୟ ଆମର ଜାତୀୟ ଜୀବନରେ କେବେ କେବେ ସଙ୍କଟ ଦେଖା ଦେଇଛି—ଆମର ସୀମାନ୍ତରେ କଣ୍ଟାଳ ଯୁଦ୍ଧ, ଦେଶର ନାନା ପ୍ରାନ୍ତରେ ଅନାବୃଷ୍ଟି ଓ ମରୁଡ଼ି କିମ୍ବା ସାମ୍ପ୍ରଦାୟିକ ହିଂସାକାଣ୍ଡ ବା ଅନ୍ୟାନ୍ୟ ଗୋଳମାଳ । ଏସବୁ ଫଳରେ ଆମ ଦେଶର ଅବଶ୍ୟ ବହୁତ କ୍ଷତି ହୋଇଛି ; କିନ୍ତୁ ମୁଁ ଏହା ମଧ୍ୟ ଉପଲବ୍ଧି କରୁଛି ଯେ ସେସବୁ ବିପଦ ଓ ଦୁର୍ବିପାକରୁ ଆମେ ଶିକ୍ଷା ମଧ୍ୟ ଲାଭ କରିଛୁ, ଅଭିଜ୍ଞତା ଅର୍ଜନ କରିଛୁ । ତାହା ଫଳରେ ଆହୁରି ଦୃଢ଼ତର ପଦକ୍ଷେପ ପକାଇ ଆମେ ଆଗେଇଛୁ । ମୋର ଆଜି ବିଶ୍ୱାସ ହୁଏ ଯେ ଭାରତ ନିକଟ ଅତୀତର ଅନ୍ଧକାରପୂର୍ଣ୍ଣ ମୁହୂର୍ତ୍ତକୁ ଅତିକ୍ରମ କରିଛି । ବିଗତ ତିନି ଚାରି ବର୍ଷ ମଧ୍ୟରେ ଏହି ପ୍ରଥମ ଥରପାଇଁ ଆମ ଦେଶର ଦିଗ୍‌ବଳୟରେ ଏକ ନୂତନ ଆଲୋକ ଦେଖାଦେଇଛି ଏବଂ ସେହି ଆଲୋକରେ ଦେଶ ଆଜି ପ୍ରତିଭାତ । ଆଜି ଦେଶର ବହୁ ଅଞ୍ଚଳ, ବହୁ ବାସଗୃହ ଏବଂ ବହୁ ସହରନଗରରେ ଏହି ଆଲୋକ ବିଚ୍ଛୁରିତ ହୋଇଥିଲାବେଳେ ଆମେ କିପରି ସେହିସବୁ ଗୃହ ଓ ପରିବାରକୁ ଭୁଲି ଯାଇପାରୁ, ଯେଉଁଗୁଡ଼ିକ ଏବେ ବି ଅନ୍ଧାରରେ ବୁଡ଼ି ରହିଛନ୍ତି ! ଆମେ ସେହିସବୁ କୃଷକମାନଙ୍କୁ କିପରି ଭୁଲି ଯାଇପାରୁ, ଯେଉଁ-ମାନଙ୍କର ଜମି ଏବେ ବି ଜଳସେଚନ ସୁଯୋଗରୁ ବଞ୍ଚିତ । ସେହିସବୁ କୋଟି କୋଟି ହରିଜନ ଓ ଗିରିଜନମାନଙ୍କୁ, ପାହାଡ଼ ଅରଣ୍ୟରେ ବାସ କରୁଥିବା ଆମର ଆଦିବାସୀ ଭାଇ ଭଉଣୀମାନଙ୍କୁ, ଯେଉଁମାନେ ମୁକ୍ତ ଭାରତର ସମୃଦ୍ଧିର ଆଲୋକରୁ ଏବେ ବି ବଞ୍ଚିତ, ଆମେ କିପରି ଭୁଲି ଯାଇପାରୁ ? ଆମେ ସେମାନଙ୍କୁ ଅତୀତରେ ଆଶା ଦେଇଥିଲୁ ଯେ ସେମାନେ ସ୍ୱାଧୀନତା ପରେ ସମୃଦ୍ଧିର ନୂତନ ଆଲୋକ ଲାଭ କରିବେ, ନୂତନ ଜୀବନର ସ୍ପର୍ଶ ଲାଭ କରିବେ । କିନ୍ତୁ ସେମାନଙ୍କର ଆଶା ଅପୂର୍ଣ୍ଣ ରହିଛି ବୋଲି ମୋର ଧାରଣା । ମୋ ସମ୍ମୁଖରେ ଥିବା ଏହିସବୁ କାର୍ଯ୍ୟ ଆମକୁ ସମ୍ପାଦନ କରିବାକୁ ହେବ । କିନ୍ତୁ ଏହା ମଧ୍ୟ ମୁଁ ଦେଖିପାରୁଛି ଯେ ଆମେ ଉଚିତ ଦିଗରେ ଅଗ୍ରଗତି କରୁଛୁ । କିଛି ସମୟ ପୂର୍ବେ କେତେକ ସହର ବିଷୟ ଉଲ୍ଲେଖ କରି ସମାଜବାଦ ପ୍ରତିଷ୍ଠା ଦିଗରେ ଅଗ୍ରଗତି ପାଇଁ ଆମର ବିଭିନ୍ନ ସଙ୍କଳ୍ପ ସହିତ ସେଗୁଡ଼ିକର ସମ୍ପର୍କ ସମ୍ବନ୍ଧରେ ସୂଚନା ଦେଇଛି । ଏହି ସମାଜ-ବାଦର ପଥ ଭାରତର ଜନସାଧାରଣ ଗଣତାନ୍ତ୍ରିକ ପ୍ରଣାଳୀରେ ବାଛି ନେଇଛନ୍ତି । ସେଥିପ୍ରତି ସେମାନଙ୍କର ସମର୍ଥନ ଅବ୍ୟାହତ ରହିଛି । ସେହି ଲକ୍ଷ୍ୟ ଦିଗରେ ଏକ ଅତି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅବଲମ୍ବନ କରାଯାଇଛି । ତାହା କଅଣ ଆପଣମାନେ ଜାଣନ୍ତି ? ବ୍ୟାଙ୍କ ଜାତୀୟକରଣ । ଦେଶର ଜନତା ଏଥିପ୍ରତି ଯେଉଁ ସ୍ୱତଃସ୍ଫୂର୍ତ୍ତ ବିପୁଳ ସମର୍ଥନ ଜଣାଇଛନ୍ତି ସେ ସମ୍ପର୍କରେ ମୁଁ ପୂର୍ଣ୍ଣ ସଚେତ ଅଛି । ଏ ସମ୍ପର୍କରେ ସାନବଡ଼ ବହୁସଂଖ୍ୟକ ଲୋକ ହୁଏତ ମୋତେ ଆସି ଭେଟିଛନ୍ତି କିମ୍ବା ମୋଠାକୁ ପତ୍ର ଲେଖିଛନ୍ତି କିମ୍ବା ଦୈନନ୍ଦିନ ମୋଠାକୁ ବାର୍ତ୍ତା ପଠାଉଛନ୍ତି । ସେମାନେ ସମସ୍ତେ ମୋତେ କହନ୍ତି ଯେ ଏହି ବ୍ୟାଙ୍କ ଜାତୀୟ-କରଣ ଏକ ଉଚିତ ପଦକ୍ଷେପ ଏବଂ ଉପଯୁକ୍ତ ଦିଗରେ ପଦକ୍ଷେପ । ରିକ୍ସା ଚାଳକ, ଟାଙ୍ଗାବାଲା, ପଥର କଟାଳୀ ଏହିସବୁ ସାଧାରଣ ଲୋକେ ଆସିଛନ୍ତି ମୋ ପାଖକୁ ଏହି କାର୍ଯ୍ୟ ପ୍ରତି ସମର୍ଥନ ଜଣାଇବା ପାଇଁ । ସେମାନଙ୍କୁ ଦେଖି ଏକ ନବୀନ ଭାରତର

ଚିତ୍ର ମୋ ଆଖି ଆଗରେ ଉନ୍ମୋଚିତ ହୋଇଯାଉଛି । ସେମାନେ ସମସ୍ତେ ମୋତେ ସ୍ମରଣ କରାଇ ଦେଉଛନ୍ତି ଯେ ଦେଶରେ ଅଗଣିତ ଲୋକ ଅଛନ୍ତି, ଯେଉଁମାନଙ୍କ ପାଇଁ ଆମକୁ ଅନେକ କିଛି କାର୍ଯ୍ୟ କରିବାକୁ ପଡ଼ିବ । ଏହିସବୁ ଲୋକମାନେ ଆଜି ସ୍ୱାଧୀନ ଭାରତର ସହର, ନଗରଗୁଡ଼ିକରେ ଅତି ଶୋଚନୀୟ ଭାବେ କାଳ କାଟୁଛନ୍ତି । ସମୃଦ୍ଧିର ଆଲୋକ ସେମାନଙ୍କୁ ଯେପରି ସ୍ପର୍ଶ କରେ, ସେଥିପ୍ରତି ଆମକୁ ଦୃଷ୍ଟି ଦେବାକୁ ହେବ । ଏକ ଉତ୍କୃଷ୍ଟତର ଓ ପୂର୍ଣ୍ଣତର ଜୀବନର ଆଶା ସେମାନଙ୍କ ମନରେ ଆମକୁ ସଞ୍ଚାର କରିବାକୁ ହେବ । ହଠାତ୍ ସେମାନଙ୍କୁ ଖୁବ୍ ବିଶେଷ ପରିମାଣରେ ସାହାଯ୍ୟ କରିବା ହୁଏତ ସମ୍ଭବ ହୋଇ ନ ପାରେ ; କିନ୍ତୁ ଏକ ନୂଆ ପଥର ସନ୍ଧାନ ଦେବା ଦ୍ୱାରା ହୁଏତ ସେମାନଙ୍କର ଅବସ୍ଥାର ବାସ୍ତବ ପରିବର୍ତ୍ତନ ହୋଇପାରେ । ସେମାନେ ନିଜ ନିଜ ବୃତ୍ତି ବଦଳାଇବାକୁ ଚେଷ୍ଟା କରିବା ମଧ୍ୟ ସମ୍ଭବପର । କାରଣ ପୃଥିବୀ ବଦଳୁଛି । ଆମେ ଚାହୁଁ ବା ନ ଚାହୁଁ ଅନେକ ପୁରୁଣା ଜିନିଷ କ୍ରମଶଃ ପରିବର୍ତ୍ତିତ ହୋଇ ଚାଲିଛି । ଆମକୁ ବେକାରୀ ସମସ୍ୟାର ମଧ୍ୟ ସମାଧାନ କରିବାକୁ ପଡ଼ିବ, ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅଗ୍ରଗତି ନିମନ୍ତେ ସାହାଯ୍ୟ କରିବାକୁ ପଡ଼ିବ ଏବଂ ସମସ୍ତଙ୍କୁ ସମାନ ସୁଯୋଗ ଯୋଗାଇବାକୁ ପଡ଼ିବ ।

ଏସବୁ ଦିଗରେ ଆମେ ଅନେକ କିଛି କରି ପାରିବା । ଆମର ସମାଜ, ସରକାର ଏବଂ ଜନସାଧାରଣ—ଆମେ ସମସ୍ତେ ଐକ୍ୟବଦ୍ଧ ହୋଇ ଏ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ । ଆମର ଦଳିତ ଦେଶବାସୀଙ୍କ ଅବସ୍ଥାର ଉନ୍ନତି କରିବା ଆବଶ୍ୟକ । ଏକ ନୂତନ ଜୀବନର ସ୍ୱାଦ ଲାଭ କରିବାରେ ସେମାନଙ୍କୁ ସାହାଯ୍ୟ କରିବା ଆବଶ୍ୟକ । ଆମ୍ଭେମାନେ ଆଗେଇ ଚାଲିଛୁ । କିନ୍ତୁ ମୁଁ ଆପଣମାନଙ୍କୁ ଯାହା କହିଲି, ଅନେକ ସମୟରେ ଦେଶରେ ହିଂସାତ୍ମକ କାର୍ଯ୍ୟମାନ ଘଟୁଛି । ତାହା ଅତ୍ୟନ୍ତ ଦୁଃଖଦାୟକ । କେତେକ ସମୟରେ ଦେଶର ସଂଖ୍ୟାଲଘୁ ସଂପ୍ରଦାୟମାନଙ୍କ ବିରୁଦ୍ଧରେ ଏପରି କିଛି କାର୍ଯ୍ୟ କରାଯାଉଛି ଯାହା ସେମାନଙ୍କ ମନରେ ସନ୍ଦେହ ଓ କ୍ରୋଧ ସୃଷ୍ଟି କରୁଛି । ତଦ୍ୱାରା ଆମର ଜାତୀୟ ଐକ୍ୟରେ ମଧ୍ୟ ବାଧା ସୃଷ୍ଟି ହେଉଛି । ଦେଶରେ ଅଶାନ୍ତି ସୃଷ୍ଟି ହେଉଛି, ଆମେ ସମସ୍ତେ ଜାଣୁ ଯେ ଦେଶରେ ଆଭ୍ୟନ୍ତରୀଣ ଶାନ୍ତି ନ ରହିଲେ ଉତ୍ପାଦନ ବଢ଼ି ପାରିବ ନାହିଁ । ଆମ ଦେଶର ପ୍ରତ୍ୟେକ ଜନଗୋଷ୍ଠୀର ବିଶେଷ ବିଶେଷ ସମସ୍ୟା ଓ ଅସୁବିଧାମାନ ରହିଛି । ସେସବୁର ଦୂରୀକରଣ ଦିଗରେ ଆମେ ଅଗ୍ରଗତି କଲାବେଳକୁ ପୁଣି କେତେକ ନୂଆ ନୂଆ ସମସ୍ୟା ଓ ଅସୁବିଧା ଆସି ପହଞ୍ଚୁଛି । ଆମକୁ ସେସବୁର ସମ୍ମୁଖୀନ ହେବାକୁ ପଡ଼ୁଛି । ସେଥି-ସକାଶେ ଆମେ ଆମର ସକଳ ଶକ୍ତି କେନ୍ଦ୍ରୀଭୂତ କରିବା ଆବଶ୍ୟକ । ଆମର ସେ ଶକ୍ତିର ସଂରକ୍ଷଣ ହୋଇ ପାରିବ, ଯଥାର୍ଥ ବିନିଯୋଗ ହୋଇ ପାରିବ, ଯଦି ଐକ୍ୟବଦ୍ଧଭାବେ ପରସ୍ପରର ସମସ୍ୟା ଓ ଅସୁବିଧାଗୁଡ଼ିକର ପ୍ରତିବିଧାନ ପାଇଁ ଆମେ ଚେଷ୍ଟିତ ହେଉ ।

ବ୍ୟାଙ୍କ ଜାତୀୟକରଣ କରାଗଲାବେଳେ କେତେକ ଲୋକ ଗୁଜବ ଉଠାଇଲେ ଯେ ଆମ ସମାଜର ଏକ ନିର୍ଦ୍ଦିଷ୍ଟ ଶ୍ରେଣୀ ବିରୁଦ୍ଧରେ ଏ ବ୍ୟବସ୍ଥା ଗ୍ରହଣ କରାଯାଉଛି । ମୁଁ ଆଜି ଏହା ସ୍ପଷ୍ଟଭାବେ ବ୍ୟକ୍ତ କରିବାକୁ ଚାହେଁ ଯେ କାହାରି ବିରୁଦ୍ଧରେ କିଛି କରିବା ଆମର ଉଦ୍ଦେଶ୍ୟ ନୁହେଁ । ଆମେ ସମସ୍ତେ ପ୍ରଗତି ପଥରେ ଏକତ୍ର ଅଗ୍ରଗତି କରୁଁ, ଏହାହିଁ କେବଳ ଆମର ଅଭିଳାଷ । କିନ୍ତୁ ଧନୀ ଏବଂ ପୁଞ୍ଜିପତି ଗୋଷ୍ଠୀଙ୍କୁ ମୁଁ ନିର୍ଭର ପ୍ରତିଶ୍ରୁତି ଦେଉଛି ଯେ ଆମେ ଯେଉଁ ବ୍ୟବସ୍ଥା ଗ୍ରହଣ କରିଛୁ, ସେମାନଙ୍କର ଶତ

କରିବା ପାଇଁ ତାହା ଉଦ୍ଦିଷ୍ଟ ନୁହେଁ । ଜନତାର ହିତ ଦୃଷ୍ଟିରୁହିଁ ତାହା କରାଯାଇଛି । କୋଟି କୋଟି ଜନତାର ଯେଉଁଥିରେ କଲ୍ୟାଣ, ସେମାନଙ୍କର କଲ୍ୟାଣ ମଧ୍ୟ ତହିଁରେ ନିହିତ ହେବା ଉଚିତ । ଆମର ଉକ୍ତ ପଦକ୍ଷେପକୁ ଏବଂ ସଂପ୍ରତି ଦେଶରେ ଯାହା ଯାହା ଘଟି ଯାଇଛି ସେସବୁକୁ ସେମାନେ ଏହି ଦୃଷ୍ଟିରୁହିଁ ବିଚାର କରିବା ଉଚିତ ।

ମହାତ୍ମା ଗାନ୍ଧୀଙ୍କର ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନ ଆମ ଦେଶରେ ଏକ ବିରାଟ ବିପ୍ଳବର ସୂତ୍ରପାତ କଲା । ସବୁ ଦେଶବାସୀଙ୍କର ସହଯୋଗରେ ଏକାନ୍ତ ନମ୍ରତା ସହିତ ସେ ଏହି ବିପ୍ଳବ ସାଧନ କଲେ । ତାଙ୍କର ନେତୃତ୍ୱରେ ପରିଚାଳିତ ଏହି ମହାନ୍ ବିପ୍ଳବ ଫଳରେ ଦେଶର ମୁଖ ଯେ ଏପରି ବଦଳି ଯିବ ଏହା ସେତେବେଳେ କେହି ଉପଲବ୍ଧି କରି ପାରୁ ନ ଥିଲେ । ବିଦେଶୀ ଶାସନ କବଳରୁ ସେ ଦେଶକୁ ମୁକ୍ତ କଲେ । ସେ ବିପ୍ଳବର ଏ ପର୍ଯ୍ୟନ୍ତ ଅନ୍ତ ହୋଇନାହିଁ । କାରଣ ପୃଥିବୀର ଦ୍ରୁତ ପରିବର୍ତ୍ତନ ହେଉଥିବା ବେଳେ ଆମର ଦେଶ ଓ ସମାଜର ମଧ୍ୟ ନିତ୍ୟ ପରିବର୍ତ୍ତନ ଅବଶ୍ୟମ୍ଭାବୀ ।

ଆମ୍ଭେମାନେ ବ୍ୟାଙ୍କ ଜାତୀୟକରଣ କରିବାରୁ କେତେକ ତାହା ବିରୁଦ୍ଧରେ ସ୍ୱର ଉଠାଇଛନ୍ତି । କୌଣସି ବୈଦେଶିକ ଶକ୍ତିର ଚାପ ବା ନିର୍ଦ୍ଦେଶରେ ଏହା କରାଯାଇଛି ବୋଲି ସେମାନେ ଆକ୍ଷେପ କରୁଛନ୍ତି । ଏ ଅଭିଯୋଗରେ ମୁଁ ବିଶେଷ ମର୍ମାହତ । ତେଣୁ ମୁଁ ଆଜି ଏହା ଏକାନ୍ତ ଭାବେ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ଆମେ ଯେଉଁସବୁ କାର୍ଯ୍ୟପନ୍ଥା ଗ୍ରହଣ କରୁଛୁ, ଜନତାର କଲ୍ୟାଣ ଏବଂ ଜନତାର ସମର୍ଥନ ନିମନ୍ତେହିଁ ତାହା କରୁଛୁ ; ଦେଶରେ ଗଣତନ୍ତ୍ରର ସୁରକ୍ଷା ଏବଂ ଦୃଢ଼ୀକରଣ ପାଇଁ ତାହା କରୁଛୁ । ମୁଁ ଜାଣେ ଯେ ଭାରତର ଜନସାଧାରଣଙ୍କ ମନରେ ଗଣତନ୍ତ୍ର ପ୍ରତି ଦୃଢ଼ ଆସ୍ଥା ପ୍ରତିଷ୍ଠିତ ରହିଛି । ପୁଣି ଏହା ମଧ୍ୟ ମୋର ଦୃଢ଼ ବିଶ୍ୱାସ ଯେ ସେମାନେ ଏଭଳି କିଛି କାର୍ଯ୍ୟ କରିବେ ନାହିଁ, ଯଦ୍ଦ୍ୱାରା ଆମ ଦେଶର କୌଣସି କ୍ଷତି ହେବ ଏବଂ ସ୍ୱାଧୀନତା ବିପଦାପନ୍ନ ହେବ ।

ପ୍ରଧାନମନ୍ତ୍ରୀ କହିଲେ ଯେ ଦେଶର ସୁଦୂର ସୀମାନ୍ତରେ ଅସଂଖ୍ୟ ପର୍ବତ ଓ ଦୁର୍ଭେଦ୍ୟ ଜଙ୍ଗଲ ଭିତରେ ଖରା, ବର୍ଷା ଓ ଶୀତ ସହି ଆମ ସାମରିକ ବାହିନୀର ସଦା ସତର୍କ ଜବାନମାନେ କଠିନ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି । ଆଜି ସେମାନେ ଏଠାରେ ଉପସ୍ଥିତ ଅଛନ୍ତି ଏବଂ ସେହିମାନେହିଁ ହେଉଛନ୍ତି ଆମର ପ୍ରକୃତ ରକ୍ଷକ । ସାମରିକ ବାହିନୀ ଆମର ସ୍ୱାଧୀନତା, ବିଶେଷତଃ ରାଜନୈତିକ ଓ ସାଂସ୍କୃତିକ ସ୍ୱାଧୀନତା ଏବଂ ଚିନ୍ତା କରିବାର ସ୍ୱାଧୀନତାକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ସମଗ୍ର ଦେଶର ଏବଂ ତାର ଅଗଣିତ ଧନୀ-ଦରିଦ୍ର, ବଡ଼-ସାନ ଜନତାର ରକ୍ଷକ ରୂପେ କାର୍ଯ୍ୟ କରିଆସୁଛି । ଏହି ସମସ୍ତ ଦାୟିତ୍ୱ ସାମରିକ ବାହିନୀ ହାତରେ ସୁରକ୍ଷିତ ରହିଛି ।

ଶ୍ରୀମତୀ ଗାନ୍ଧୀ କହିଲେ ଯେ ଆମେ ଯେଉଁ ପଥ ବାଛି ନେଇଛୁ ତାହା ଯେପରି ଉଚିତ, ସେପରି ଆମ ଇତିହାସ ଓ ସଂସ୍କୃତିର ଉଜ୍ଜ୍ୱଳ ପରମ୍ପରା ଓ ନୀତି-ବୋଧର ସ୍ୱାକ୍ଷର ମଧ୍ୟ ବହନ କରୁଛି । ସମୟ ଅନୁସାରେ ଆମେ ଯେଉଁସବୁ ପଦକ୍ଷେପ ନେଇଛୁ ତାହା ନୂତନ । ଏତେସବୁ ସତ୍ତ୍ୱପରେ କେତେକ ଲୋକ ଯେ ଅଶାନ୍ତ ଓ ଅସନ୍ତୁଷ୍ଟ ହେଉଛନ୍ତି ତାହାର କାରଣ କଣ ହୋଇପାରେ ? ଶ୍ରୀମତୀ ଗାନ୍ଧୀ କହିଲେ ଯେ ବୋଧହୁଏ କେଉଁଠି ଅସଫଳତାର ଚିହ୍ନ ରହିଯାଇଛି ।

ପ୍ରଧାନମନ୍ତ୍ରୀ କହିଲେ ଯେ ମଣିଷ ପ୍ରକୃତ ଓ ଜନସ୍ୱପ୍ନଠାରୁ ଅନେକ ଅଧିକ କଥା ଆଶାକରେ । ଏହିଥିରୁ ହିଁ ତାର ଅନ୍ତରାତ୍ମାକୁ ସ୍ପର୍ଶକରି ଏକ ନୂତନ ବିପ୍ଳବର ପରିପ୍ରକାଶ ହୋଇଥାଏ । ଫଳରେ ସେ

ନନର ସ୍ୱରଆଡ଼େ ଘଟିଯାଉଥିବା ବିପଦକୁ ଭଲ-ଭାବେ ବୁଝିପାରିବେ । ଆମ ଦେଶର ଜୀବନରେ ସେହିପରି ଏକ ସମୟର ସୂତ୍ରପାତ ହୋଇ ନୂତନ ପର୍ଯ୍ୟାୟର ସମ୍ଭାବନା ଦେଖାଦେଇଛି । ଯେଉଁମାନେ ରୁଦ୍ଧ ପ୍ରକୋଷ୍ଠ ମଧ୍ୟରେ ରହିବାରେ ଅଭ୍ୟସ୍ତ ହୋଇଥିଲେ ସେମାନେ ପରିଷ୍କାର ଶୀତଳ ପବନରେ ବ୍ୟସ୍ତ ହୋଇ ପଡ଼ୁଛନ୍ତି । କିନ୍ତୁ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ରୁଦ୍ଧ ପ୍ରକୋଷ୍ଠର ଅଣନିଶ୍ୱାସୀ ବିରକ୍ତିକର ପରିବେଶରୁ ମୁକ୍ତି ପାଇ ନୂତନ ପବନରେ ନିଜକୁ ତଥା ଜୀବନକୁ ଶକ୍ତିଶାଳୀ କରିବାକୁ ଚାହାନ୍ତି ।

ଗଭୀର ଅନ୍ଧକାର ଭିତରୁ ବାଇଶି ବର୍ଷ ତଳେ ଭାରତ ସ୍ୱାଧୀନତା ଲାଭ କରି ଜାଗି ଉଠିଥିଲା । ସେହି ସ୍ମରଣୀୟ ଦିବସରେ ପଣ୍ଡିତଜୀ ଘୋଷଣା କରିଥିଲେ ଯେ ଆମେ ଆମର ଭାଗ୍ୟ ସହିତ ମିଳିତ ହେବାକୁ ଯାଉଛୁ । ଆଜି ପୁଣି ଥରେ ଦେଶପଟରେ ସେହିପରି ଏକ ପରିବର୍ତ୍ତନ ଦେଖାଦେଇଛି । ଆମର ଭବିଷ୍ୟତ ଯେପରି ସୀମାହୀନ ସେହିପରି ବ୍ୟାପକ ମଧ୍ୟ । ଆସନ୍ତାକାଲିର ଭବିଷ୍ୟତ ହେଉଛି ଆଜିର ବର୍ତ୍ତମାନ । ଆମ ଆଗରେ ବହୁପଥ ପଡ଼ି ରହିଛି । ପ୍ରଗତି ପଥରେ ଆଗେଇ ଚାଲିଲେ ଆମେ ଏପରିସବୁ ନୂତନପଥ ବାଛିନେବା, ଯଦ୍ଦ୍ୱାରା କି ଦେଶ ଦ୍ରୁତ ଉନ୍ନତି ହାସଲ କରିପାରିବ ।

ଚଳିତ ବର୍ଷ ହେଉଛି ଗାନ୍ଧୀ ଶତବାର୍ଷିକୀ ବର୍ଷ । କେବଳ ଗାନ୍ଧୀଜୀଙ୍କ ସ୍ମୃତି ଓ କାର୍ଯ୍ୟକ୍ରମ ମନେ ରଖିଲେ ଚଳିବ ନାହିଁ । ବରଂ ଯେଉଁ ମୌଳିକ ଆଦର୍ଶ ଓ ମତ ପାଇଁ ଗାନ୍ଧୀଜୀ ଅନବରତ ସଂଗ୍ରାମ ଚଳାଇ ଆସିଥିଲେ ତାହାକୁ ଆଜିର ନୂତନ ଯୁବକମାନଙ୍କ ମଧ୍ୟରେ ପ୍ରଚାର କରିପାରିଲେ ସେମାନେ ଅନୁଭବ କରିବେ ଯେ ତାଙ୍କପରି ଏକ ମହାମାନବ ଏହି ଦେଶରେ ଜନ୍ମଗ୍ରହଣ କରି ନୂତନ ଭାରତର ମୂଳଦୁଆ ପକାଇଥିଲେ । ନିକଟ ଭବିଷ୍ୟତରେ ଆଉ ଜଣେ ମହାମାନବ ଆମ ଦେଶ ଭ୍ରମଣରେ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଆପଣମାନେ ସମସ୍ତେ ଖାନ୍ ଅବଦୁଲ ଗଫୁର୍ ଖାନ୍‌ଙ୍କ ନାମ ଶୁଣିଥିବେ । ସେ ଗାନ୍ଧୀଜୀଙ୍କର ଜଣେ ପ୍ରଧାନ ଶିଷ୍ୟ । ତାଙ୍କର ଭାରତ ଭ୍ରମଣ ସମୟରେ ଏହି ଦେଶର ପ୍ରତ୍ୟେକ ନାଗରିକ ତାଙ୍କୁ ମୁକ୍ତମନ ଓ ହୃଦୟର ସହିତ ସ୍ୱାଗତ କରିବେ ବୋଲି ମୁ ଆଶା କରୁଛି । ଆମର ଲୋକେ ତାଙ୍କୁ "ସୀମାନ୍ତ ଗାନ୍ଧୀ" ବୋଲି ଡାକୁଥିଲେ ଏବଂ ତାଙ୍କୁ ଅତି ଗଭୀର ସ୍ନେହ ଓ ସମ୍ମାନ ପ୍ରଦର୍ଶନ କରୁଥିଲେ ।

ପ୍ରଧାନ ମନ୍ତ୍ରୀ କହିଲେ ଯେ ବର୍ତ୍ତମାନର ସମୟକୁ ବିଜ୍ଞାନ ଓ ଯୌବନର ଯୁଗ ବୋଲି କୁହାଯାଇପାରେ । ସେମାନଙ୍କୁ ଏହି ନୂତନ ପଥ ଅନୁସରଣ କରି ଆଗେଇ ଯିବାକୁ ହେବ । ଆଜିର ଯୁଗରେ ଯେଉଁମାନେ ଅନ୍ୟକୁ ଅପେକ୍ଷା କରି ଅନ୍ୟର ପରାମର୍ଶ ଅନୁସାରେ ଚାଲିବା ପାଇଁ ସ୍ଥିର କରନ୍ତି ସେମାନେ ପଛରେ ପଡ଼ିଯିବେ, ଏଥିରେ ସନ୍ଦେହ ନାହିଁ । ଦେଶର ଅଗଣିତ ଯୁବକମାନଙ୍କ ପାଇଁ ଏକ ନୂତନ ପଥ ନିର୍ଦ୍ଦେଶ କରିବାକୁ ହେବ । ମୁଁ ଜାଣେ ସେମାନଙ୍କର ଦୃଢ଼ତା ଓ ସାହସର ଅଭାବ ନାହିଁ । ବର୍ତ୍ତମାନର ପରିସ୍ଥିତିରେ ପୁରୁଣା ଲୋକମାନଙ୍କର ଅଭିଜ୍ଞତା ମଧ୍ୟ ଯଥେଷ୍ଟ ନୁହେଁ । ଯୁବସମାଜର ଏହି ନୂତନ ସାହସକୁ ଉତ୍ସାହିତ କରି ନୂତନ ଆତ୍ମପ୍ରତ୍ୟୟ, ଆତ୍ମନିର୍ଭରଶୀଳତା ଓ ଆଶା ଜାଗ୍ରତ କରିପାରିଲେ ଦେଶର ଏକତା ତଥା ସାମୂହିକ ପ୍ରଗତି ହାସଲ କରାଯିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କର ଉନ୍ନତି ହୋଇପାରିବ ।

ଶ୍ରୀମତୀ ଗାନ୍ଧୀ କହିଲେ ଯେ, ଆଜି ଆମେ ଆମର ତ୍ରିରଙ୍ଗୀ ଜାତୀୟ ପତାକାକୁ ନମସ୍କାର କରନ୍ତୁ । ଏହାହିଁ ହେଉଛି ଆମ ଗଣତନ୍ତ୍ର, ଏକତା ଓ ଶାନ୍ତି

ଏବଂ ଉନ୍ନୟନ ଓ ପ୍ରଗତିର ପ୍ରତୀକ । ତେଣୁ ଆମକୁ ଆମ ଭିତରେ ଥିବା ଏହିସବୁ ଗୁଣର ବିକାଶ ଘଟାଇବାକୁ ପଡ଼ିବ । ପତାକାରେ ଥିବା ଚକ୍ରଟି ହେଉଛି ସମ୍ରାଟ ଅଶୋକଙ୍କ ପ୍ରଦତ୍ତ ଶାନ୍ତି ଚକ୍ର । ଆମର କର୍ତ୍ତବ୍ୟ ହେଉଛି ଏହି ଚକ୍ରର ମର୍ଯ୍ୟାଦା ରକ୍ଷା କରିବା । ପ୍ରଧାନ ମନ୍ତ୍ରୀ କହିଲେ ସେ ଆପଣମାନଙ୍କ ସମ୍ମୁଖରେ ଠିଆ ହୋଇ ମୁଁ ପ୍ରତିଶ୍ରୁତି ଦେଉଛି ଯେ ଯେତେବେଳେ ଯାହା କଲେ ମଧ୍ୟ ମୁଁ ଆପଣମାନଙ୍କର ଅର୍ଥାତ୍ ଜନସାଧାରଣଙ୍କର ସ୍ୱାର୍ଥରକ୍ଷା ପାଇଁ ଅନବରତ ଉଦ୍ୟମ କରୁଥିବି । ଗାନ୍ଧୀଜୀ ଭାରତର ଜନସାଧାରଣଙ୍କୁ ଯେଉଁ ନିର୍ଭର-ଯୋଗ୍ୟ କବଚ ଦେଇଥିଲେ ମୁଁ ଆପଣମାନଙ୍କୁ ତାହାହିଁ ଦେବାକୁ ଚାହୁଁଛି । ଗାନ୍ଧୀଜୀ କହିଥିଲେ ଯେ କୌଣସି ପଦକ୍ଷେପ ନେବା ପୂର୍ବରୁ ଯଦି ସନ୍ଦେହ ଦେଖାଦିଏ ତେବେ ଦୁର୍ବଳତମ ଓ ନିମ୍ନସ୍ତରରେ ବାସ କରୁଥିବା ଜନତା ସମ୍ପର୍କରେ ଚିନ୍ତା କରିବା ଆବଶ୍ୟକ । ଯଦି ଏହି ପଦକ୍ଷେପଦ୍ୱାରା ଦୁର୍ବଳତମ ଦରିଦ୍ର ଜନସାଧାରଣ ଉପକୃତ ହେବେ ବୋଲି ଜଣାଯାଏ ତେବେ ସେହି ପଥରେ ଆଗେଇଯିବା ଆବଶ୍ୟକ । ସେହି ପଥରେ ଆଗେଇ ଗଲାବେଳେ ସମସ୍ତ ସନ୍ଦେହ ଅପସରି ଯାଇ ପଥ ପରିଷ୍କାର ହୋଇଯିବ । ଉଲ୍ଲିଖିତ ମନୋଭାବ ନେଇ ମୁଁ ଆଗେଇ ଯିବାକୁ ଚାହୁଁଛି । ପ୍ରଧାନମନ୍ତ୍ରୀ କହିଲେ ଯେ ଆମେ ସମସ୍ତେ ବିଶେଷ ଉନ୍ନତି କରିଛୁ, କିନ୍ତୁ ସାଧାରଣ ଜନତାର ଉନ୍ନତି ଓ ଉପକାର ପାଇଁ ହୋଇଥିବା ଅନେକ ଛୋଟବଡ଼ କାର୍ଯ୍ୟକ୍ରମରେ ଆମେ ଅଟକି ଯାଇଥିଲୁ । ପ୍ରକୃତରେ ଆମେ ସମସ୍ତେ ସାଧାରଣ ଲୋକଙ୍କୁ ହିଁ ଭୁଲି ଯାଇଥିଲୁ । ବର୍ତ୍ତମାନ ପରିସ୍ଥିତିରେ ସବୁଆଡ଼େ ବଡ଼ ବଡ଼ ସାହସିକ ଧ୍ୱନିମାନ ଶୁଣାଯାଉଛି ଏବଂ ଜନସାଧାରଣ ଏହି ଧ୍ୱନି ଭିତରେହିଁ ସମସ୍ତ ଉଦ୍ୟମର ଆରମ୍ଭ ଓ ଶେଷ ହେଉଛି ବୋଲି ବିଶ୍ୱାସ କରୁଛନ୍ତି । କିନ୍ତୁ ଧ୍ୱନିଦ୍ୱାରା କେତେଦୂର ପର୍ଯ୍ୟନ୍ତ ଗରିବ ଓ ଅଭାବରେ ପଡ଼ିଥିବା ଜନସାଧାରଣଙ୍କର ଉପକାର ହେଉଛି ତାହା କେହି ବିଚାର କରିପାରୁନାହାନ୍ତି ।

ଆଜି ଏକ ନୂତନ ଉଷାର ଆରମ୍ଭରେ ଆମେ ଏକ ନୂତନ ମୋଡ଼ ନେଇଛୁ । ଆମ ଦେଶର ଅଗଣିତ ଯୁବକ, କୃଷକ ଓ ଶ୍ରମିକମାନେ ସହରାଞ୍ଚଳ କିମ୍ବା ଗ୍ରାମାଞ୍ଚଳ ଅଥବା ଖାମବନ ବାହୁଲ୍ୟରେ ଯେଉଁଠି ଥାଆନ୍ତୁ ପଛକେ, ଏହି ନୂତନ ପଥ ଅନୁସରଣ କରି ଆଗେଇ ଗଲେ ଏକ ଅଭୂତପୂର୍ବ ଉନ୍ମାଦନା ଓ ପ୍ରେରଣା ପାଇ ଯେକୌଣସି ସ୍ୱାର୍ଥ ତ୍ୟାଗ କରିବାକୁ ପଛାଇବେ ନାହିଁ ବୋଲି ଶ୍ରୀମତୀ ଗାନ୍ଧୀ ଗଭୀର ଆଶା ପ୍ରକାଶ କରିଥିଲେ । ସେ କହିଲେ ଯେ ଆଜି ଜନସାଧାରଣ, ବିଶେଷତଃ ଦେଶର ଅଗଣିତ ଦରିଦ୍ରମାନଙ୍କ ବିଷୟରେ କେବଳ ଚିନ୍ତା କରାଯିବା ଉଚିତ । ସେମାନଙ୍କ ଅବସ୍ଥାରେ ଉନ୍ନତି ଘଟାଇ ପାରିଲେ ଆମେ ନିଜକୁ ଉନ୍ନତ କରିପାରିବୁ । ଯଦି ଆମ ହୃଦୟରେ ସମ୍ବେଦନା ଏବଂ ଶରୀରରେ ପ୍ରଚୁର ଶକ୍ତି ଥାଏ ତେବେ ଆମେ ଅନ୍ୟର ଅସୁବିଧା ଅନୁଭବ କରି ଏତେ ବିରାଟ ଦୁରୂହ କାର୍ଯ୍ୟକୁ ମିଳିତ ଭାବରେ ସମ୍ପାଦନ କରିପାରିବୁ । ମୋର ବିଶ୍ୱାସ, ଭାରତର ଜନସାଧାରଣ ସବୁବେଳେ ଏକ ହୋଇ ଠିଆ ହେବେ ।

ଶ୍ରୀମତୀ ଗାନ୍ଧୀ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇ କହିଲେ ଯେ ଉନ୍ନୟନ ପାଇଁ ଆମେ କେତେକ ପଦକ୍ଷେପ ନେଇଛୁ । ଫଳରେ ଏକ ବ୍ୟାପକ ନୂତନ ଦିଗନ୍ତ ଆମ ଆଗରେ ଉନ୍ମୁକ୍ତ ହୋଇଯିବା ସଙ୍ଗେ ସଙ୍ଗେ ଶୀତଳ ପରିଷ୍କାର ପବନ ଆମ ମୁହଁ ଉପରେ ଦେଇ ବହିବାକୁ ଆରମ୍ଭ କରିଛି । ଏହି ନୂତନ ପବନକୁ ଉପଭୋଗ କରି ସାହସ ଓ ଦୃଢ଼ତାର ସହିତ ଆଗେଇ ଗଲେ ଆମେ ନିଶ୍ଚୟ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବା । ଏହି ନୂତନ ସମ୍ଭାବନାକୁ ଆମ ସପକ୍ଷରେ

କମ୍ପା ବିଷୟରେ ବ୍ୟବହାର କରିବାର ଦାୟିତ୍ୱ ସଂପୂର୍ଣ୍ଣଭାବେ ଆମ ଉପରେ ନ୍ୟସ୍ତ ରହିଛି ।

ପ୍ରଧାନମନ୍ତ୍ରୀ କହିଲେ ଯେ ଆମେ ଏକ ଶାନ୍ତିପ୍ରିୟ ଜାତି । କିନ୍ତୁ ଶାନ୍ତି ପାଇଁ ଆମର ଆନ୍ତରିକ କାମନାକୁ କେହି ଦୁର୍ବଳତା ବୋଲି ଭାବିବା ଉଚିତ ନୁହେଁ । କାରଣ ଆତ୍ମନିର୍ଭରଶୀଳ ହୋଇ ଆମର ପ୍ରତିରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବା ନିମନ୍ତେ ଆମର ଅସୀମ ମନୋବଳ ହିଁ ହେଉଛି ଏହି ଶାନ୍ତିର ପ୍ରତୀକ ।

ଦୁର୍ବଳତାରୁ ଶାନ୍ତିର ଉଦ୍‌ଭବ ସମ୍ଭବ ନୁହେଁ । ଶକ୍ତି, ଆତ୍ମନିର୍ଭରଶୀଳତା ଓ ଆତ୍ମବିଶ୍ୱାସ-ଦ୍ୱାରା ଶାନ୍ତି ହାସଲ କ ଯାଇଥାଏ । ପ୍ରତ୍ୟେକ ଭାରତୀୟ ଏହିସବୁ ଗୁଣର ବିକାଶ ପାଇଁ ଉଦ୍ୟମ କରିବେ ବୋଲି ଶ୍ରୀମତୀ ଗାନ୍ଧୀ ଆଶା ପ୍ରକାଶ କରି-ଥିଲେ । ସେ କହିଲେ ଯେ ମହାତ୍ମାଗାନ୍ଧୀ ଭାରତର ଅଗଣିତ ଦରିଦ୍ର ଓ ଅଶିକ୍ଷିତ ଜନସାଧାରଣଙ୍କ ଭିତରୁ ସ୍ୱାଧୀନତା ଆନ୍ଦୋଳନପାଇଁ ବହୁସଂଖ୍ୟକ ସଂଗ୍ରାମୀ ଯୋଦ୍ଧା ତିଆରି କରି ସେମାନଙ୍କ ଭିତରେ ଦୃଢ଼ତା ଓ ଆତ୍ମପ୍ରତ୍ୟୟ ଭରି ଦେଇଥିଲେ । ଗାନ୍ଧୀଜୀଙ୍କର ଏହି ଆଦର୍ଶକୁ ଆମେ ଆହୁରି ଶକ୍ତିଶାଳୀ କରିପାରିବା । କାରଣ ଆଗେଇ ଯିବାପାଇଁ ଆମର ଦେଶବାସୀ ଅଧିକ ଦୃଢ଼ପ୍ରତିଜ୍ଞ, ଦକ୍ଷ ଓ ଜ୍ଞାନୀ ହୋଇ ପାରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଲେ ଯେ ଦେଶର ଶକ୍ତି ଓ ଏକତା ସମ୍ପର୍କରେ ନୂତନ ଧ୍ୱନି ଦେବାର ସମୟ ଆସିଛି । ସେ କହିଲେ ଯେ ମୋ ଆଗରେ ବସିଥିବା ଏହି ଶ୍ରେଷ୍ଠ ଶିଶୁମାନେ ଆସନ୍ତା କାଲିର ନାଗରିକ ଏବଂ ସେମାନଙ୍କଠାରେ ଯଥେଷ୍ଟ ଆଶା ରହିଛି । ସେମାନଙ୍କୁ ସମାନ ସୁବିଧା-ସୁଯୋଗ ଯୋଗାଇଦେବା ପାଇଁ ଆମେ ଚାହୁଁଛୁ । ସେଥିପାଇଁ ଆମକୁ ଉଚ୍ଚ ଓ ନିମ୍ନସ୍ତରରେ ଥିବା ଜନସାଧାରଣଙ୍କ ଭିତରେ ବିସ୍ତୃତ ପାର୍ଥକ୍ୟକୁ ସଙ୍କୁଚିତ କରିଦେବାକୁ ହେବ । ସେହିପରି ସମାଜର ଗୋଟିଏ ଗୋଷ୍ଠୀଠାରୁ ଅନ୍ୟ ଗୋଷ୍ଠୀ ଭିତରେ ଏବଂ ଧନୀ ଓ ଦରିଦ୍ରମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ କମାଇବା ଲାଗି ଉଦ୍ୟମ କରିବାକୁ ହେବ । ଆଜି ଆମେ ଯେଉଁ ଅବସ୍ଥାରେ ଅଛୁ ଏବଂ ଆମେ ଯାହା ହେବାପାଇଁ ଚାହୁଁଛୁ, ତା'ଭିତରେ ଥିବା ପାର୍ଥକ୍ୟ ଦୂର କରି ବର୍ତ୍ତମାନ ମିଳିତ ଭାବରେ ଜାତୀୟ ଧ୍ୱନି, "ଜୟହିନ୍ଦ" ଦେବା ଆସନ୍ତୁ ।

ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ

# ସ୍ୱାଧୀନତାର ବାଇଶ ବର୍ଷ ପରେ ଓଡ଼ିଶା

୧୯୬୯ ମସିହାର ସ୍ୱାଧୀନତା ଦିବସ ଉପଲକ୍ଷେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଓଡ଼ିଶାର ଆର୍ଥିକ, ଅର୍ଥନୈତିକ, ସାମାଜିକ ତଥା ପ୍ରଶାସନିକ ସମସ୍ୟାମାନଙ୍କ ସଂପର୍କରେ ଆଲୋଚନା କରି ଆକାଶବାଣୀ, କଟକ କେନ୍ଦ୍ରରୁ ତା ୧୫ । ୮ । ୧୯୬୯ ରେ ଦେଇଥିବା ବେତାର ଭାଷଣ ଏଠାରେ ଉଦ୍ଧାର କରାଗଲା ।

ଆଜି ସ୍ୱାଧୀନତାର ତ୍ରୟୋବିଂଶ ବର୍ଷରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଦେଶର ଜନସାଧାରଣଙ୍କ ସୁପ୍ତ ପୁଞ୍ଜୀଭୂତ ଆଶା-ଆକାଂକ୍ଷା, ୧୯୪୭ ମସିହାରେ ଆମ ଦେଶ ସ୍ୱାଧୀନ ହେବା ସଙ୍ଗେ ସଙ୍ଗେ ପ୍ରକାଶ ପାଇଲା । ଏହି ଆଶା-ଆକାଂକ୍ଷା ପୂରଣ ନିମନ୍ତେ ଉନ୍ନୟନ ଯୋଜନାମାନ କାର୍ଯ୍ୟକାରୀ ହେଲା । ଜନସାଧାରଣଙ୍କ ଜୀବନ-ଧାରଣମାନର ଦ୍ରୁତ ଉନ୍ନତି ଉଦ୍ଦେଶ୍ୟରେ ହିଁ ଏହା କରାଯାଇଥିଲା । କିନ୍ତୁ ଦୁର୍ଭାଗ୍ୟର ପରିହାସ ଏପରି ଯେ ସ୍ୱାଧୀନତାର କୋଡ଼ିଏ ବର୍ଷ ପରେ ମଧ୍ୟ ଜନସାଧାରଣଙ୍କ ଜୀବନ-ଧାରଣ ମାନରେ କୌଣସି ଉନ୍ନତି ଘଟିପାରି ନାହିଁ ।

## ରାଜ୍ୟର ଶୋଚନୀୟ ଆର୍ଥିକ ପରିସ୍ଥିତି

ଆଜି ବେକାର ସମସ୍ୟା ଉତ୍କଟ ଆକାର ଧାରଣ କରିଛି । ଆମ ରାଜ୍ୟରେ ଏପରି ଯୋଜନାମାନଙ୍କରେ ବିପୁଳ ପରିମାଣ ମୂଳଧନ ବିନିଯୋଗ କରାଗଲା, ଯେଉଁଥିରୁ କି ଏପର୍ଯ୍ୟନ୍ତ କୌଣସି ଆୟ ମିଳି ନାହିଁ ବା ନିକଟ ଭବିଷ୍ୟତରେ ମଧ୍ୟ କୌଣସି ଆୟ ମିଳିବାର ସମ୍ଭାବନା ନାହିଁ । ଏହା ଫଳରେ ତୃତୀୟ ପଞ୍ଚବାର୍ଷିକ ଯୋଜନା ଶେଷ ଭାଗରେ ରାଜ୍ୟର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇ ପଡ଼ିବା ଭଳି ଅବସ୍ଥାକୁ ଆସି ଯାଇଥିଲା । ଋଣ ସୂତ୍ରରେ ଆସିଥିବା ଏହି ବିପୁଳ ପରିମାଣ ଅର୍ଥ ଉତ୍ପାଦନ ନ ହେବା ଭଳି ତଥା ଲାଭପ୍ରଦ ନ ହେବା ଭଳି ଯୋଜନାମାନଙ୍କରେ ବିନିଯୋଗ କରାଯିବାରୁ ଆର୍ଥିକ ପରିସ୍ଥିତି ଅଧିକ ଶୋଚନୀୟ ହୋଇ ପଡ଼ିଥିଲା । ଏହି ଋଣ ପରିଶୋଧ କରିବା ପାଇଁ ପୁଣି ଋଣ କରିବାକୁ ପଡ଼ିଲା । ଏଥିପାଇଁ ରାଜ୍ୟ ସରକାର ଯେଉଁ ଋଣ କଲେ, ତାହା ଅଳ୍ପକାଳ ମଧ୍ୟରେ ଆୟ ହେବା ଭଳି ଯୋଜନାମାନଙ୍କରେ ବିନିଯୋଗ କରାଯାଇ ପାରିଥାନ୍ତା । ମାତ୍ର ଏହି ଅର୍ଥକୁ

ସାଧାରଣ ରାଜସ୍ୱ ନିଅଣ୍ଟ ପୂରଣ ଦିଗରେ ଉପଯୋଗ କରିବା ଫଳରେ ରାଜ୍ୟ ସରକାରଙ୍କ ଆର୍ଥିକ ପରିସ୍ଥିତି ଶୋଚନୀୟ ହୋଇ ପଡ଼ିଥିଲା । ଉଚ୍ଚ ସ୍ତରରେ ଦୁର୍ନୀତି ବ୍ୟାପିବା ଏବଂ ସରକାରୀ କର୍ମଚାରୀଙ୍କ ନୈତିକ ଅଧଃପତନ ଘଟିବା ଯୋଗୁଁ ଶାସନ ଉପରେ ଜନସାଧାରଣଙ୍କ ବିଶ୍ୱାସ ବହୁ ପରିମାଣରେ ତୁଟି ଯାଇଥିଲା । ତେଣୁ ସ୍ୱାଧୀନତା ଯୋଗୁଁ ଦେଶରେ ଶାନ୍ତି, ପ୍ରଗତି ଓ ସମୃଦ୍ଧି ଘଟିବ ବୋଲି ଯେଉଁ ଆଶା-ଆକାଂକ୍ଷା ପ୍ରକାଶ ପାଇଥିଲା, ତାହା ଭ୍ରାନ୍ତ ବୋଲି ଜଣାପଡ଼ିଗଲା ଏବଂ ଦେଶର ଜନସାଧାରଣଙ୍କ ଭିତରେ ଅସନ୍ତୋଷ ଓ ନୈରାଶ୍ୟ ଭାବ ଦେଖା ଦେଲା ।

## ଏକୋଇଶ ଦଫା କାର୍ଯ୍ୟକ୍ରମର ଅଗ୍ରଗତି

ଆମ ରାଜ୍ୟର ଏହିଭଳି ସଂକଟଜନକ ଅବସ୍ଥାରେ ଜନସାଧାରଣ ଆମ ଉପରେ ବିଶ୍ୱାସ ସ୍ଥାପନ କରିଥିଲେ ଏବଂ ଆମ ଦୁଇଟି ମିଳିତ ଦଳର ଏକୋଇଶ ଦଫା କାର୍ଯ୍ୟକ୍ରମକୁ ଗ୍ରହଣ କରି ଆମ ସପକ୍ଷରେ ମତ ପ୍ରକାଶ କରିଥିଲେ । ଗତ ଅଢ଼େଇ ବର୍ଷ ଭିତରେ ରାଜ୍ୟର ଅର୍ଥନୀତିକୁ ଏକ ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ କରିବା, ଦୁର୍ନୀତି ଲୋପ କରିବା, ଆର୍ଥିକ ସଂଯମ ଓ ଶୃଙ୍ଖଳା ପ୍ରତିଷ୍ଠା କରିବା ତଥା ଜନସାଧାରଣଙ୍କୁ ଆମେ ଅନ୍ୟ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲୁ, ସେଗୁଡ଼ିକ ପୂରଣ କରିବା ଦିଗରେ ଆମେ ଆତ୍ମ-ନିୟୋଗ କରିଛୁ । ଶାସନ ଦାୟିତ୍ୱ ଗ୍ରହଣ କରିବାର ଅବ୍ୟବହିତ ପରେ ଭୂ-ରାଜସ୍ୱ ଏବଂ ପଞ୍ଚାୟତ ଟିକସ ଉଚ୍ଛେଦ କରିବା ଦିଗରେ ଆମେ କାର୍ଯ୍ୟପନ୍ଥା ଗ୍ରହଣ କରିଥିଲୁ । ବିକ୍ରିକର ଛାଡ଼ ପରିମାଣ ଦଶ ହଜାର ଟଙ୍କାରୁ ପଚିଶ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ପ୍ରତିଶ୍ରୁତି ଅନୁଯାୟୀ ଆମେ ଦୁର୍ନୀତି ତଦନ୍ତ କମିଶନ ଓ ପଞ୍ଚାୟତ ତଦନ୍ତ କମିଟି ବସାଇଥିଲୁ ଏବଂ ସେହି ରିପୋର୍ଟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅବଶିଷ୍ଟ ଜିଲ୍ଲାମାନଙ୍କରେ ବିଚାର ବିଭାଗକୁ ଶାସନ ବିଭାଗରୁ ଅଲଗା କରିବା କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି ଏବଂ ଅମ୍ବୁଡ୍ସମ୍ୟାନ ଅନୁଷ୍ଠାନ ଧରଣର ଲୋକପାଳ ଓ ଲୋକାୟୁକ୍ତ ବିଲ ବର୍ତ୍ତମାନ ରାଜ୍ୟ ବିଧାନସଭାର ବିଚାରାଧୀନ ରହିଛି ।

## ରାଜ୍ୟର ଉନ୍ନୟନ ଦିଗରେ ବାସ୍ତବ ଦୃଷ୍ଟିଭଙ୍ଗୀ

ରାଜ୍ୟର ଉନ୍ନୟନ ଦିଗରେ ଆମେ କୌଣସି ବଡ ଧାରଣା ବା ମତାନ୍ଧତାଦ୍ୱାରା ପରିଚାଳିତ ନ ହୋଇ ବାସ୍ତବ ବିଚାର ଦ୍ୱାରା ପରିଚାଳିତ ହେଉଛୁ । ଅଧିକ ପରିମାଣ ଅଧିକ ଉତ୍ପାଦନକ୍ଷମ ବିହନ, ସାର ଓ ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରିବା ଏବଂ ଅର୍ଥ ଯୋଗାଣକାରୀ ଅନୁଷ୍ଠାନମାନଙ୍କଠାରୁ ଅଧିକ ପରିମାଣ ଋଣ ଆଣି ତାହା ଉପଯୋଗ କରିବା ଫଳରେ ରାଜ୍ୟର କୃଷି କ୍ଷେତ୍ରରେ ସବୁଜ ବିପ୍ଳବ ଆରମ୍ଭ ହୋଇଛି । ଚାଷୀମାନେ ଅଧିକରୁ ଅଧିକ ଆତ୍ମନିର୍ଭରଶୀଳ ହେଉଥିବା ବିଶେଷ ସନ୍ତୋଷର କଥା ।

## ଦ୍ରୁତ ଶିଳ୍ପ ଉନ୍ନୟନ ପାଇଁ ନୂଆ ଶିଳ୍ପ ନୀତି

ଆମ ରାଜ୍ୟର ଦ୍ରୁତ ଶିଳ୍ପ ଉନ୍ନୟନ ନିମନ୍ତେ ବିଶିଷ୍ଟ ଶିଳ୍ପପତି ଓ ଶିଳ୍ପ-ଉଦ୍ୟୋଗୀମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଆମେ ଏକ ନୂତନ ଶିଳ୍ପ ନୀତି ଗ୍ରହଣ କରିଛୁ । ସରକାରୀ କ୍ଷେତ୍ରରେ ହେଉ ବା ଘରୋଇ ଉଦ୍ୟୋଗରେ ହେଉ, ଆମ ରାଜ୍ୟର ବିପୁଳ ପରିମାଣ ଶିଳ୍ପ କଞ୍ଚାମାଲଗୁଡ଼ିକୁ ଉପଯୋଗ କରିବା ପାଇଁ ଏବଂ ତଦ୍ୱାରା ଆମ ରାଜ୍ୟର ଲୋକଙ୍କ ନିଯୁକ୍ତିର ସୁବିଧା ସୃଷ୍ଟି କରିବା ପାଇଁ ଓଡ଼ିଶାରେ ଅଧିକରୁ ଅଧିକ ସଂଖ୍ୟକ ଶିଳ୍ପ ସ୍ଥାପନ କରିବା ଆମର ଉଦ୍ଦେଶ୍ୟ । ତାଳଚେରଠାରେ ସରକାରୀ ଉଦ୍ୟମରେ ଏକ କୋଇଲା-ଭିତ୍ତିକ ସାର କାରଖାନା ଏବଂ ପାରାଦ୍ୱୀପଠାରେ ଘରୋଇ ଉଦ୍ୟମରେ ଏକ ଆମୋନିଆ—

ଭିତ୍ତିକ ସାର କାରଖାନା ପ୍ରତିଷ୍ଠା ନିମନ୍ତେ ଆମେ କେନ୍ଦ୍ର ସରକାରଙ୍କୁ ପ୍ରବର୍ତ୍ତାଉଛୁ । ସେହିପରି ଶିଳ୍ପପତିଙ୍କ ଉଦ୍ୟମରେ ଗୋଟିଏ ଅଲୁମିନିୟମ କାରଖାନା ସ୍ଥାପନ ପାଇଁ ଆମେ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଉଛୁ । ଫେରୋ-ଭାନାଡ଼ିୟମ, ଫେରୋ-ଟିଟାନିୟମ, ନିକେଲ, ସୀସା ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ଭିତ୍ତିକ ଶିଳ୍ପ ତଥା ରସାୟନିକ ତଥା କୃଷି ସମ୍ବନ୍ଧୀୟ ଶିଳ୍ପମାନ ସ୍ଥାପନ ସମ୍ବନ୍ଧରେ ଜୋର-ସୋରରେ କାର୍ଯ୍ୟାନୁଷ୍ଠାନ ଚାଲିଛି । ଦୈତାରି ଲୁହାପଥର ଯୋଜନା ସଂପୂର୍ଣ୍ଣ ହେବା ଉପରେ । ଓଡ଼ିଶା ଶିଳ୍ପ ଉନ୍ନୟନ କର୍ପୋରେସନଦ୍ୱାରା ଆରମ୍ଭ କରାଯାଇଥିବା ଅସମ୍ପୂର୍ଣ୍ଣ ଶିଳ୍ପ ଯୋଜନାଗୁଡ଼ିକୁ ସମ୍ପୂର୍ଣ୍ଣ କରାଯାଇ ସେଥିରୁ ଉତ୍ପାଦନ ଆରମ୍ଭ ହୋଇଛି । ଫେରୋକ୍ରୋମ କାରଖାନାରୁ ମଧ୍ୟ ଶୀଘ୍ର ଉତ୍ପାଦନ ଆରମ୍ଭ ହେବ । ବେସରକାରୀ କ୍ଷେତ୍ରରେ ରାଉରକେଲାଠାରେ ଗୋଟିଏ ସାର କାରଖାନା ଓ ଗୋଟିଏ ଡେଟୋନେଟର କାରଖାନାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଉପରେ । ରାଜ୍ୟର ଓରିଏଣ୍ଟପାଲ କାଗଜ କଳ ଓ ଓଡ଼ିଶା ସିମେଣ୍ଟ କାରଖାନା ସଂପ୍ରସାରଣ ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି । ଗୋଟିଏ ସ୍କୁଟର କାରଖାନା ସ୍ଥାପନ ପାଇଁ ଲାଇସେନ୍ସ ମିଳିଛି । ରସାୟନିକ ଓ କୀଟନାଶକ ଔଷଧ ତିଆରି କାରଖାନା ତଥା ଆନୁଷଙ୍ଗିକ ଓ ସହାୟକ ଶିଳ୍ପମାନ ସ୍ଥାପନ ସଂପର୍କୀୟ ପ୍ରସ୍ତାବଗୁଡ଼ିକ ଯାଞ୍ଚ କରାଯାଉଛି । ରାଉରକେଲା ନିକଟରେ ଶିଳ୍ପାଞ୍ଚଳ ଉନ୍ନୟନ ପାଇଁ ଓ ରାଉରକେଲା ସହରାଞ୍ଚଳରେ ବାସଗୃହ ନିର୍ମାଣ ଓ ଶିଳ୍ପ ସ୍ଥାପନ ନିମନ୍ତେ ଜମି ଯୋଗାଇ ଦେବା ନିମନ୍ତେ ସକ୍ରିୟ ବ୍ୟବସ୍ଥା ଗ୍ରହଣ କରାଯାଉଛି ।

## କଟକ-ପାରାଦୀପ ରେଲ ରାସ୍ତା ନିର୍ମାଣ

ପାରାଦୀପ ଉନ୍ନୟନ ପରାମର୍ଶଦାତା ବୋର୍ଡ ସ୍ଥାପନ କରାଯାଇଛି ଏବଂ ନିକଟରେ ପାରାଦୀପ ଉନ୍ନୟନ ସଂସ୍ଥା ସ୍ଥାପନ କରାଯିବ । କଟକ ପାରାଦୀପ ରେଳରାସ୍ତା ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ବିମଳାଗଡ଼ଠାରୁ ତାଳଚେର ଏବଂ କୋଇରା ଉପତ୍ୟକା ରେଳରାସ୍ତାର ସର୍ଭେ କାର୍ଯ୍ୟ ଆଗେଇ ଚାଲିଛି । ଏହି ଦୁଇଟି ଶିଳ୍ପାଞ୍ଚଳରେ ରେଳରାସ୍ତା ସ୍ଥାପନ ସଙ୍ଗେ ସଙ୍ଗେ ଉତ୍ପାଦନ ବୃଦ୍ଧି ପାଇବା ନିଶ୍ଚିତ ଏବଂ ଏହା ଫଳରେ ବେକାର ସମସ୍ୟା ଅନେକ ପରିମାଣରେ ସମାଧାନ ହୋଇ ପାରିବ ।

## ଧାନ ଚାଉଳର ଅବାଧ ଯାତାୟାତ ବ୍ୟବସ୍ଥା

ଗତ ମାସ ପନ୍ଦରଠାରୁ କେବଳ ସୀମାନ୍ତ ଅଞ୍ଚଳ ଛଡ଼ା ସମଗ୍ର ରାଜ୍ୟ ଭିତରେ ଧାନ ଓ ଚାଉଳର ଅବାଧ ଯାତାୟାତ ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଛି । ଖାଦ୍ୟ କର୍ପୋରେସନର ମିଲ୍ ମାଲିକ ସବ୍ ଏଜେଣ୍ଟମାନଙ୍କୁ ମଧ୍ୟ ସେହି ଦିନଠାରୁ ସେମାନେ କିଣିଥିବା ଓ କଳରେ ପେଷିଥିବା ଚାଉଳ ଶତକଡ଼ା ପଚାଶ ଭାଗ ବଜାରରେ ବିକ୍ରୀ କରିବା ପାଇଁ ଅନୁମତି ଦିଆଯାଇଛି । ଆମେ ଆଶା କରୁଛୁ ଯେ ଏହାଦ୍ୱାରା ବଜାରରେ ଅଧିକ ପରିମାଣରେ ଚାଉଳ ମିଳିବା ଫଳରେ ଚାଉଳ ଦରରେ ସ୍ଥିରତା ଆସିଯିବ ଏବଂ ତଦ୍ଦ୍ୱାରା ଖାଉଟି ଓ ଉତ୍ପାଦନକାରୀ ଉଭୟ ଉପକୃତ ହେବେ ।

## କାର୍ଯ୍ୟାଭିମୁଖୀ ଶିକ୍ଷା

ଆମେ ଆମ ଶିକ୍ଷା ନୀତିକୁ କାର୍ଯ୍ୟାଭିମୁଖୀ କରିଛୁ । ଆର୍ଥିକ ଅନଟନ ସତ୍ତ୍ୱେ ଲୋକଙ୍କ କ୍ରମ-ବର୍ଦ୍ଧିଷ୍ଣୁ ଚାହିଦା ପୂରଣ ପାଇଁ ଆମେ ସବୁସ୍ତରରେ ଶିକ୍ଷାଗତ ସୁବିଧା ସମ୍ପ୍ରସାରଣ କରିଛୁ । ଆଦିବାସୀ ଓ ହରିଜନ ଶ୍ରେଣୀର ଲୋକଙ୍କ ପ୍ରତି ଆମେ ସ୍ୱତନ୍ତ୍ର ଦୃଷ୍ଟି ଦେଇଛୁ ।

## ଅଧିକ ଆର୍ଥିକ ସାହାଯ୍ୟ ପାଇଁ ଆମର ଦାବୀ

ଦେଶର ଅନ୍ୟାନ୍ୟ ରାଜ୍ୟ ସହିତ ତୁଳନା କଲେ ଏହା ନିଃସନ୍ଦେହରେ କୁହାଯାଇ ପାରେ ଯେ ଗତ ତିନୋଟି ପଞ୍ଚବାର୍ଷିକ ଯୋଜନା ଆମ ରାଜ୍ୟକୁ

ଅନ୍ୟାନ୍ୟ ଉନ୍ନତ ରାଜ୍ୟମାନଙ୍କ ସ୍ତରକୁ ଆଣିବା ଦିଗରେ କୌଣସି ସାହାଯ୍ୟ କରିପାରି ନ ଥିଲା । ତେଣୁ ବିଭିନ୍ନ ରାଜ୍ୟମାନଙ୍କୁ ଆର୍ଥିକ ସାହାଯ୍ୟ ବଣ୍ଟନ କଲାବେଳେ ଏବଂ କେନ୍ଦ୍ର ସରକାରଙ୍କ ଉଦ୍ୟମରେ ବିଭିନ୍ନ ରାଜ୍ୟରେ ଶିଳ୍ପ ସ୍ଥାପନ ତଥା ଅନ୍ୟାନ୍ୟ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ ହେବାବେଳେ ଉପରୋକ୍ତ ବିଷୟପ୍ରତି ଦୃଷ୍ଟି ଦେବା ନିମନ୍ତେ ଆମେ କେନ୍ଦ୍ର ସରକାର ତଥା ଅର୍ଥ କମିସନଙ୍କ ନିକଟରେ ବାରମ୍ବାର ଦାବି କରି ଆସିଛୁ ।

## ପ୍ରଶାସନିକ କ୍ଷେତ୍ରରୁ ବିଳମ୍ବ ଦୂରୀକରଣ

ପ୍ରଶାସନିକ କ୍ଷେତ୍ରରେ ଯେଉଁ ବିଳମ୍ବ ଘଟୁଛି, ତାହା ଦୂର କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ଯେ କୌଣସି କର୍ମଚାରୀଙ୍କ ନିକଟରେ ଯଦି ଗୋଟିଏ ବିଷୟ ତିନି ଦିନରୁ ଅଧିକ ରହିଥାଏ ଏବଂ କୌଣସି ଅଫିସରଙ୍କ ନିକଟରେ କୌଣସି ବିଷୟ ସାତ ଦିନରୁ ଅଧିକ ରହିଥାଏ, ତାହା ହେଲେ ସଂପୃକ୍ତ କର୍ମଚାରୀ ବା ଅଫିସର ତୁରନ୍ତ ଦୃଷ୍ଟି ଆକର୍ଷଣ ନିମନ୍ତେ ସେହି ଫାଇଲ୍‌ରେ ନାଲି କାଳିରେ ଦସ୍ତଖତ କରିବେ ଏବଂ କାଗଜ କଭରରେ ତାଙ୍କର କୈଫିୟତ ଲେଖି ଦେବେ । ଏହି ନିର୍ଦ୍ଦେଶନାମା ସେକ୍ରେଟାରୀଏଟ୍, ହେଡ଼ସ୍ ଅଫ୍ ଡିପାର୍ଟମେଣ୍ଟ, ଜିଲ୍ଲା ଓ ନିମ୍ନସ୍ତର ପ୍ରତି ମଧ୍ୟ ପ୍ରଯୁଜ୍ୟ ହେବ । ଆଶା କରାଯାଉଛି ଯେ ଏହା ଫଳରେ ଶାସନର ସବୁ ସ୍ତରରୁ ବିଳମ୍ବ ଦୂର ହୋଇଯିବ ଏବଂ ଫାଇଲ୍‌ଗୁଡ଼ିକ ତୁରନ୍ତ ଫଇସଲା ହେବ ଓ ଦକ୍ଷତା ବୃଦ୍ଧି ପାଇବ ।

## ପ୍ରାକୃତିକ ବିପର୍ଯ୍ୟୟ

ଗତ ବର୍ଷ ରାଜ୍ୟର ଜନସାଧାରଣଙ୍କୁ ଦୁଃଖ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଥିଲା । ରାଜ୍ୟର ବିଭିନ୍ନ ଅଂଚଳରେ ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟିବା ଯୋଗୁଁ ବିଶେଷ କ୍ଷତି ଘଟିଥିଲା ଏବଂ ଲୋକେ ଦୁଃଖ କଷ୍ଟ ଭୋଗିଥିଲେ ।

ଏହିସବୁ ଅସୁବିଧା ସତ୍ତ୍ୱେ ରାଜ୍ୟର ଜନସାଧାରଣ ତଥା ସରକାର ସାହସର ସହିତ ଏହି ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ।

## ନବକଳେବର ଯାତ୍ରାରେ ଶାନ୍ତି-ଶୃଙ୍ଖଳା ରକ୍ଷା

ଗତ ରଥଯାତ୍ରା ସମୟରେ ପୁରୀଠାରେ ଶ୍ରୀ ଜଗନ୍ନାଥଙ୍କ ନବକଳେବର ଦର୍ଶନ ନିମନ୍ତେ ବିରାଟ ଜନ ସମାଗମ ହୋଇଥିଲା ଏବଂ ଆମ ସମସ୍ତଙ୍କ ପକ୍ଷରେ ଆନନ୍ଦ ଓ ସନ୍ତୋଷର କଥା ଯେ ସମସ୍ତ ସଂପୃକ୍ତ ସରକାରୀ ବିଭାଗ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ନିଷ୍ଠାର ସହିତ ନିଜ ନିଜର କର୍ତ୍ତବ୍ୟ ସଂପାଦନ କରିଥିଲେ ଏବଂ ଯାତ୍ରୀମାନଙ୍କ ନିରାପତ୍ତା, ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁବିଧା ପାଇଁ ସନ୍ତୋଷଜନକ ବ୍ୟବସ୍ଥା କରିଥିଲେ । ତେଣୁ ନବକଳେବର ଉତ୍ସବ ସୁରୁଖୁରୁରେ ସମାହିତ ହୋଇପାରିଥିଲା ଏବଂ କୌଣସି ଦୁର୍ଘଟଣା ବା ସଂକ୍ରାମକ ରୋଗ ଦେଖା ଦେଇ ନ ଥିଲା ।

## ସମୃଦ୍ଧି ପାଇଁ ସଂକଳ୍ପ

ଆମ ସମସ୍ତଙ୍କ ପକ୍ଷରେ ସନ୍ତୋଷର କଥା ଯେ ରାଜ୍ୟର ଆର୍ଥିକ ଅନାଟନ ଓ ଅନ୍ୟାନ୍ୟ ଅସୁବିଧା ସତ୍ତ୍ୱେ ଆମେ ସାହସ ଓ ଦୃଢ଼ତାର ସହିତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ପାରିଛୁ । ସରକାରଙ୍କ ସ୍ଥାୟିତ୍ୱ ଏବଂ ରାଜ୍ୟରେ ଶାନ୍ତି ଶୃଙ୍ଖଳା ବ୍ୟବସ୍ଥା ସର୍ବତ୍ର ପ୍ରଶଂସିତ ହୋଇଛି । ଭବିଷ୍ୟତରେ ଯେଉଁ କଠିନ ସମୟ ଆସୁଛି ଆମର ସେହିଭଳି ମନୋବଳ ଓ ଉତ୍ସାହ ବଳରେ ଆମେ ତାର ସମ୍ମୁଖୀନ ହୋଇ ପାରିବା । କଠିନ ପରିଶ୍ରମ, ତ୍ୟାଗ, ଶୃଙ୍ଖଳା ଏବଂ ନିଷ୍ଠା ବିନା କୌଣସି ଜାତି ବା ଦେଶ ଉନ୍ନତି କରି ପାରିନାହିଁ । ତେଣୁ ଏକ ସମୃଦ୍ଧିଶାଳୀ ଓଡ଼ିଶା ଗଠନ ନିମନ୍ତେ ଉପରୋକ୍ତ ଆଦର୍ଶଗୁଡ଼ିକୁ ଆଗରେ ରଖି ଆମେ ସ୍ୱାଧୀନତାର ଆଉ ଏକ ବର୍ଷରେ ଆଗେଇ ଯିବା ।

ଆକାଶ ବାଣୀ, କଟକଙ୍କ ସୌଜନ୍ୟରୁ )

# ସହରାଞ୍ଚଳରେ ପରିମଳ ସପ୍ତାହ ଓ ସଫାଇ ସପ୍ତାହ ପାଳନ

ସହରର ସ୍ୱାୟତ୍ତଶାସନ ସଂସ୍ଥାମାନେ ବରାବର ଦୁଇଟି ପ୍ରଧାନ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି । ତନ୍ମଧ୍ୟରୁ ଗୋଟିଏ ହେଲା ପରିମଳ ବା ସ୍ୱାସ୍ଥ୍ୟରକ୍ଷା ସମସ୍ୟା । ଅନ୍ୟ ସମସ୍ୟାଟି ବେ-ଆଇନ ଦଖଲ, ଯଥା ଅନନୁମତିରେ ନିର୍ମିତ ଦୋକାନ ଓ ଘର ଏବଂ ରାସ୍ତା ଓ ସର୍ବସାଧାରଣ ସ୍ଥାନମାନଙ୍କରେ ଜମା କରାଯାଇଥିବା ଜିନିଷପତ୍ରର ଅପସାରଣ ସହିତ ସଂପୃକ୍ତ । ଏଥି ମଧ୍ୟରୁ ଗୋଟିଏ, ନାଗରିକମାନଙ୍କ ସ୍ୱାସ୍ଥ୍ୟ ପକ୍ଷେ ଯେପରି କ୍ଷତିକାରକ, ଅନ୍ୟଟି ଲୋକମାନଙ୍କ ନିରାପତ୍ତା ପକ୍ଷେ ସେହିପରି ବିପଜ୍ଜନକ । ଏହି ଦୁଇଟିଯାକ ସମସ୍ୟା ଯୋଗୁଁ ଯେଉଁ ବିପଦ ଉପୁଜିବାର ଆଶଙ୍କା ରହିଛି ଏବଂ ସେଗୁଡିକୁ ସଫଳତା ସହକାରେ ସମାଧାନ କରାଗଲେ, ତଦ୍ଦ୍ୱାରା ଯେଉଁ ଉପକାର ମିଳିବାର ସମ୍ଭାବନା ରହିଛି, ଜନସାଧାରଣ ତାହା ଯଥାଯଥ ଭାବେ ହୃଦୟଙ୍ଗମ କରିପାରି ନାହାନ୍ତି । ତେଣୁ ଏହି ସମସ୍ୟାଗୁଡ଼ିକ ଯେ କିପରି ବିରାଟ ଓ ସେଗୁଡ଼ିକ ସମାଧାନ କରିବାର ଆବଶ୍ୟକତା ଯେ କେତେ ଜରୁରୀ ତାହା ସେ ସବୁ ସହିତ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଭଲ ଭାବରେ ବୁଝାଇ ଦିଆଯିବା ଆବଶ୍ୟକ । କହିବା ନିଷ୍ପ୍ରୟୋଜନ ଯେ ଏ ବାଗରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଯେଉଁ ଉଦ୍ୟମ କରୁଛନ୍ତି, ନାଗରିକମାନେ ସେଥି ସହିତ ସହଯୋଗ କଲେ, ସଫଳତା ସହକାରେ ଏହି ଦୁଇଟି ସମସ୍ୟାର ସମାଧାନ ହୋଇ ପାରିବ । ଏ ଦିଗରେ ଜନମତକୁ ଜାଗ୍ରତ କରିବା ଏବଂ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଯେଉଁ ଉଦ୍ୟମ କରୁଛନ୍ତି, ସେଥିପ୍ରତି ଜନ ସହଯୋଗ ଯେପରି ନିଶ୍ଚୟ ମିଳିପାରିବ, ତହିଁର ବ୍ୟବସ୍ଥା କରିବା ଲାଗି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏପରି କାର୍ଯ୍ୟକ୍ରମ କରିବାକୁ ହେବ, ଯେପରି କି ନିଜ ନିଜ ଅଞ୍ଚଳରେ ପରିମଳ ବା ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥାକୁ ବଜାୟ ରଖିବା ପାଇଁ ନାଗରିକମାନଙ୍କ ମନରେ ପ୍ରେରଣା ଜାତ ହୋଇ ପାରିବ । ସ୍ୱ ସ୍ୱ ଅଞ୍ଚଳକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ପାଇଁ ଓ ଆଖ ପାଖ ସ୍ଥାନମାନଙ୍କରେ ରାସ୍ତା ଓ ସର୍ବସାଧାରଣ ସ୍ଥାନଗୁଡ଼ିକୁ ପ୍ରତିବନ୍ଧ ଓ ବେଆଇନ ଦଖଲରୁ ମୁକ୍ତ ରଖିବା ପାଇଁ ସହରାଞ୍ଚଳ ଲୋକମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରାଯାଇ ପାରିଲେ ସୁଫଳ ମିଳିବାର ଆଶା ଅଛି ।

ଏହି ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ସବୁ ମ୍ୟୁନିସିପାଲିଟି ଓ ନୋଟିଫାଏଡ୍ ଏରିଆ କାଉନ୍‌ସିଲରେ ଅଗଷ୍ଟ ୯ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ପରିମଳ ସପ୍ତାହ (ନିର୍ଦ୍ଧାରିତ ସମୟରେ ପାଳିତ ହୋଇ ଯାଇଛି) ଏବଂ ଜାନୁଆରୀ ୨୦ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ସଫାଇ ସପ୍ତାହ ପାଳନ କରାଯିବା ଆବଶ୍ୟକ ବୋଲି ସରକାର ସ୍ଥିର କରିଛନ୍ତି । ଏହି ଦୁଇଟି ସପ୍ତାହ ପାଳନ କରିବା ବେଳେ ନିମ୍ନଲିଖିତ ପରାମର୍ଶଗୁଡ଼ିକ ପ୍ରତି ଦୃଷ୍ଟି ଦେବାକୁ ହେବ । ଆଉ ମଧ୍ୟ ମ୍ୟୁନିସିପାଲିଟି ଓ ନୋଟିଫାଏଡ୍ ଏରିଆ କାଉନ୍‌ସିଲମାନେ ସେମାନଙ୍କ ନିଜ ନିଜ ଅଞ୍ଚଳର ବିଶେଷ ପରିସ୍ଥିତି ସହିତ ଖାପ ଖାଇବା ଭଳି ସେଥିରେ କେତେକ ପରିବର୍ତ୍ତନ କରି ପାରନ୍ତି :—

ଏ ଦୁଇଟି ସପ୍ତାହର ପ୍ରଥମ ଦିବସମାନଙ୍କରେ ଅର୍ଥାତ୍ ଅଗଷ୍ଟ ମାସ ୯ ତାରିଖ ଓ ଜାନୁଆରୀ ୨୦ ତାରିଖରେ କାର୍ଯ୍ୟର ଶୁଭାରମ୍ଭ ପାଇଁ ମ୍ୟୁନିସିପାଲିଟି ଓ ନୋଟିଫାଏଡ ଏରିଆ କାଉନ୍‌ସିଲ୍ କର୍ତ୍ତୃପକ୍ଷମାନେ ସେମାନଙ୍କ ନିଜ ନିଜ ଅଞ୍ଚଳରେ ସୁବିଧା ସ୍ଥାନ ଦେଖି ସଭା ସମିତିର ଆୟୋଜନ କରିବେ । ଏହି ସପ୍ତାହ ଉଦ୍‌ଘାଟନ କରିବା ପାଇଁ ପ୍ରତିଷ୍ଠିତ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରିବେ । ପରିମଳ ସପ୍ତାହ ପାଳନ ଉପଲକ୍ଷେ ହେଉଥିବା ସଭାରେ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ଓ ସହରକୁ ପରିଷ୍କାରପରିଚ୍ଛନ୍ନ ରଖିବାର ଆବଶ୍ୟକତା ସଂପର୍କରେ ଆଲୋଚନା କରାଯିବ ଏବଂ ସେହିପରି ସଫାଇ ସପ୍ତାହ ପ୍ରାରମ୍ଭରେ ସେଥି ସହିତ ସଂପୃକ୍ତ ବିଷୟମାନ ଜନସାଧାରଣଙ୍କୁ ବୁଝାଇ ଦେବାକୁ ହେବ ।

ନିମ୍ନଲିଖିତ କାର୍ଯ୍ୟକ୍ରମ ଅନୁସାରେ ଏହି ସପ୍ତାହ ପାଳନ କରାଯିବ :—

(କ) ପ୍ରଭାତ ଫେରି

(ଖ) ସାଧାରଣ ଜନସେବା ଓ ସମାଜ-ସେବୀ ଅନୁଷ୍ଠାନ ଏବଂ ଓ୍ୱାର୍ଡର ଅଧିବାସୀମାନଙ୍କ ସହଯୋଗରେ ରାସ୍ତା, ବାଟଘାଟ ଓ ବଜାର ଅଞ୍ଚଳଗୁଡ଼ିକୁ ପରିଷ୍କାରପରିଚ୍ଛନ୍ନ କରାଯିବ ।

(ଗ) ପରିମଳ ସପ୍ତାହ ଓ ସଫାଇ ସପ୍ତାହର କାର୍ଯ୍ୟକ୍ରମଗୁଡ଼ିକ ନିଖିଳ ଭାରତ ବେତାର କେନ୍ଦ୍ର ବା ଆକାଶବାଣୀ ମାଧ୍ୟମରେ ପ୍ରଚାରିତ ହେବ । ସର୍ବସାଧାରଣ ସ୍ଥାନମାନଙ୍କରେ ଓ ଚଳଚ୍ଚିତ୍ର ପ୍ରେକ୍ଷାଳୟମାନଙ୍କରେ ପରିମଳ ବା ସ୍ୱାସ୍ଥ୍ୟରକ୍ଷା ସଂକ୍ରାନ୍ତ ପୋଷ୍ଟର ପ୍ରଦର୍ଶିତ ହେବ ଏବଂ ସମ୍ବାଦପତ୍ରମାନଙ୍କରେ ସେ ସମ୍ବନ୍ଧୀୟ ଲେଖାମାନ ପ୍ରକାଶ କରାଯିବ ।

ଉଭୟ ସପ୍ତାହ ପାଳନ କାଳରେ ଆଦର୍ଶ ସ୍ୱାସ୍ଥ୍ୟରକ୍ଷାମୂଳକ ପରିସ୍ଥିତି ବଜାୟ ରଖିବାରେ ଏବଂ ବେଆଇନ୍ ଦଖଲ ଓ ପ୍ରତିବନ୍ଧକ ଅପସାରଣ କରିବା ଦିଗରେ ମ୍ୟୁନିସିପାଲିଟି କର୍ମଚାରୀମାନଙ୍କୁ ସାହାଯ୍ୟ କରିବା ପାଇଁ ଓ୍ୱାର୍ଡ ସଭ୍ୟମାନେ (କାଉନ୍‌ସିଲର) ସ୍ୱେଚ୍ଛାସେବକ ଦଳ ଗଠନ କରିବେ । ଏହି ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି, ଆବଶ୍ୟକ ହେଲେ ଓ୍ୱାର୍ଡ କାଉନ୍‌ସିଲରମାନେ ଯୁବକ ତଥା ଉତ୍ସାହୀ ବ୍ୟକ୍ତିଙ୍କୁ କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ କରିବା ପାଇଁ ଓ୍ୱାର୍ଡ କମିଟି ଗଠନ କରିବେ ଏବଂ ସେମାନଙ୍କ ସ୍ୱ ସ୍ୱ ଓ୍ୱାର୍ଡରେ ପରିମଳ ଓ ସଫାଇ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବେ । ସମ୍ଭବ ହେଲେ, ପରିମଳ ଓ ସଫାଇ ଉଦ୍ଦେଶ୍ୟରେ ଗୃହୀତ ହୋଇଥିବା ବ୍ୟବସ୍ଥା ସଂପର୍କରେ ପର୍ଯ୍ୟାଲୋଚନା କରିବା ପାଇଁ ଏବଂ ଦରକାର ହେଲେ, ନୂତନ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ ଓ୍ୱାର୍ଡ ସଭ୍ୟମାନେ ସେମାନଙ୍କ ସ୍ୱ ସ୍ୱ ଓ୍ୱାର୍ଡରେ ସଭାସମିତିର ଆୟୋଜନ କରି ପାରନ୍ତି ।

ଏହି ସପ୍ତାହମାନଙ୍କର ଶେଷ ଅବସରରେ ଅର୍ଥାତ୍ ସ୍ଥଳ ବିଶେଷର ଆବଶ୍ୟକତା ଅନୁସାରେ ଅଗଷ୍ଟ ୧୫ ତାରିଖରେ ଓ ଜାନୁଆରୀ ୨୬ ତାରିଖରେ ୩ ଜଣ ବିଚାରକଙ୍କୁ ନେଇ ଗଠିତ ଏକ କମିଟି ମ୍ୟୁନିସିପାଲିଟି ଓ ନୋଟିଫାଏଡ୍ ଏରିଆ କାଉନ୍‌ସିଲମାନଙ୍କର ଓ୍ୱାର୍ଡମାନ ପରିଦର୍ଶନ କରିବେ ଏବଂ ଓ୍ୱାର୍ଡମାନଙ୍କଠାରେ ସଂପାଦିତ କାର୍ଯ୍ୟକୁ ଭିତ୍ତି କରି ୩ ଗୋଟି ଶ୍ରେଷ୍ଠ ବିବେଚିତ ଓ୍ୱାର୍ଡ ସ୍ଥିର କରିବେ । ମେଡ଼ିକାଲ୍ କିମ୍ବା ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ଦୁଇଜଣ ସରକାରୀ ଅଫିସର ଓ ସମାଜର ଜଣେ ଲବ୍ଧ-ପ୍ରତିଷ୍ଠ ବେସରକାରୀ ବ୍ୟକ୍ତିଙ୍କୁ ନେଇ ବିଚାରକ କମିଟି ଗଠନ କରାଯିବ । ମ୍ୟୁନିସିପାଲିଟି କିମ୍ବା ନୋଟିଫାଏଡ୍ ଏରିଆ କାଉନ୍‌ସିଲର ସ୍ୱାସ୍ଥ୍ୟ ଅଫିସର ଏବଂ କାର୍ଯ୍ୟ ନିର୍ବାହକ ଅଫିସରମାନେ ବିଗତ ବର୍ଷର ସେମାନଙ୍କର ସାଧାରଣ ଅନୁଭୂତିକୁ ଭିତ୍ତି କରି ଓ୍ୱାର୍ଡମାନଙ୍କୁ ନମ୍ବର ଦେବେ । ସେପରି ସ୍ଥଳେ ସମୁଦାୟ ମାର୍କର ଶତକଡ଼ା ଅଳ୍ପ କେତେକାଂଶ ସେମାନଙ୍କ ପାଇଁ ଅଲଗା କରି ରଖାଯିବ ଓ ଅବଶିଷ୍ଟ ମାର୍କ ମଧ୍ୟରୁ ବିଚାରକମାନେ ମାର୍କ ଦେବେ । ଅର୍ଥାତ୍ ଯଦି ସମୁଦାୟ ମାର୍କ ୧୦୦ ବୋଲି ଧରାଯାଏ, ତେବେ ମ୍ୟୁନିସିପାଲିଟିର ସ୍ୱାସ୍ଥ୍ୟ ଅଫିସର ଓ କାର୍ଯ୍ୟ ନିର୍ବାହକ ଅଫିସରଙ୍କ ପାଇଁ ୩୦ ନମ୍ବର ଅଲଗା କରି ରଖାଯିବ ଓ ବିଚାରକମାନଙ୍କ ନିମିତ୍ତ ସମୁଦାୟ ମାର୍କ ରୂପେ ୭୦ ମାର୍କ ରଖାଯିବ । ଏହା ହେଲେ ମଧ୍ୟ ଏଭଳି କ୍ଷେତ୍ରରେ ମ୍ୟୁନିସିପାଲିଟି ସ୍ୱାସ୍ଥ୍ୟ ଅଫିସର ଓ କାର୍ଯ୍ୟ ନିର୍ବାହକ ଅଫିସରମାନେ ସପ୍ତାହର ପ୍ରଥମ ଅବସରରେ ମାର୍କ ଦେବେ ଓ ତାହା ଗୋପନୀୟ ରଖିବେ । ମ୍ୟୁନିସିପାଲିଟି ଅଫିସର ଓ ବିଚାରକମାନଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିବା ସମୁଦାୟ ମାର୍କର ଭିତ୍ତିରେ ୩ ଗୋଟି ଶ୍ରେଷ୍ଠ ବିବେଚିତ ଓ୍ୱାର୍ଡ ପାଇଁ ପୁରସ୍କାର ସ୍ଥିର କରାଯିବ । ସେହି ପୁରସ୍କାରଗୁଡ଼ିକ ମ୍ୟୁନିସିପାଲିଟି କିମ୍ବା ନୋଟିଫାଏଡ୍ ଏରିଆ କାଉନ୍‌ସିଲ ପାଇଁ ନିମ୍ନଲିଖିତ ଭାବରେ ହେବ:—

(୧) ପ୍ରଥମ ଶ୍ରେଣୀ ପୌର ସଂସ୍ଥା—

| | | |
|---|---|---|
| ୧ମ ପୁରସ୍କାର | ... | ଟ ୧,୦୦୦ |
| ୨ୟ ପୁରସ୍କାର | ... | ଟ ୭୫୦ |
| ୩ୟ ପୁରସ୍କାର | ... | ଟ ୫୦୦ |

(୨) ଦ୍ୱିତୀୟ ଶ୍ରେଣୀ ପୌର ସଂସ୍ଥା—

| | | |
|---|---|---|
| ୧ମ ପୁରସ୍କାର | ... | ଟ ୭୫୦ |
| ୨ୟ ପୁରସ୍କାର | ... | ଟ ୫୦୦ |
| ୩ୟ ପୁରସ୍କାର | ... | ଟ ୨୫୦ |

(୩) ତୃତୀୟ ଶ୍ରେଣୀ ପୌର ସଂସ୍ଥା —

| | | |
|---|---|---|
| ୧ମ ପୁରସ୍କାର | ... | ଟ ୫୦୦ |
| ୨ୟ ପୁରସ୍କାର | ... | ଟ ୩୫୦ |
| ୩ୟ ପୁରସ୍କାର | ... | ଟ ୨୦୦ |

ପୁରସ୍କାରଗୁଡ଼ିକ ନଗଦ ଟଙ୍କା ଆକାରରେ ସଂପୃକ୍ତ ଓ୍ୱାର୍ଡ କାଉନ୍‌ସିଲର (ସଭ୍ୟ) ମାନଙ୍କ ଜରିଆରେ ଦିଆଯିବ । ଏହା ବିଶେଷଭାବେ ଉଲ୍ଲେଖ ଯୋଗ୍ୟ ଯେ ମ୍ୟୁନିସିପାଲିଟି ଆଇନ୍‌ରେ ବର୍ଣ୍ଣିତ ଉଦ୍ଦେଶ୍ୟ ଗୁଡ଼ିକ ମଧ୍ୟରୁ ଯେଉଁ ସବୁ ଉଦ୍ଦେଶ୍ୟରେ ଏହି ପୁରସ୍କାର ଟଙ୍କା ଖର୍ଚ୍ଚ ହେବ ବୋଲି ସଂପୃକ୍ତ ସଭ୍ୟ ତାଙ୍କ ଓ୍ୱାର୍ଡର ନାଗରିକମାନଙ୍କ ସହିତ ପରାମର୍ଶ କରି ସ୍ଥିର କରିବେ, କେବଳ ସେହି ସବୁ ଉଦ୍ଦେଶ୍ୟରେ ସେହି ନିର୍ଦ୍ଦିଷ୍ଟ ଓ୍ୱାର୍ଡରେ ତାହା ଖର୍ଚ୍ଚ କରାଯିବ ।

(ଅବଶିଷ୍ଟାଂଶ ୧୯ ପୃଷ୍ଠା ଦେଖନ୍ତୁ)

# ଓଡ଼ିଶା ରାଜ୍ୟ ସମବାୟ ଭୂ-ବନ୍ଧକ ବ୍ୟାଙ୍କ ଲିଃ
## ଭୁବନେଶ୍ୱର-୧, ପୁରୀ (ଓଡ଼ିଶା)

ରାଜ୍ୟ ତଥା ଦେଶବାସୀଙ୍କ ଆର୍ଥିକ ସ୍ୱଚ୍ଛଳତା କାମନା କରିବା ସଙ୍ଗେ ସଙ୍ଗେ ରାଜ୍ୟର କୃଷି ଶ୍ରମିକମାନଙ୍କ ଅର୍ଥନୈତିକ ଅଗ୍ରଗତି ଉଦ୍ଦେଶ୍ୟରେ ନିଜକୁ ନିୟୋଜିତ କରୁଅଛୁ ।

### ଆମ୍ଭେମାନେ

୧୯୬୫ ବର୍ଷରେ ସୁଲଭ କିସ୍ତିରେ ପରିଶୋଧ କରିବାପାଇଁ ରାଜ୍ୟରେ ଥିବା ୫୪ଟି ପ୍ରାଥମିକ ଭୂ-ବନ୍ଧକ ବ୍ୟାଙ୍କ ଜରିଆରେ ନିମ୍ନଲିଖିତ କାର୍ଯ୍ୟପାଇଁ କୃଷୀମାନଙ୍କର ଅର୍ଥନୈତିକ ଉନ୍ନତି ସକାଶେ ଋଣ ଦେଇଥାଉ ।

(କ) କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା ସକାଶେ—
ପମ୍ପ (ପାଣିକଳ), ପୋଖରୀ, କୂଅ, ବାନ୍ଧ ଖନନ, ନଳକୂପ ସ୍ଥାପନ ଇତ୍ୟାଦି !

(ଖ) ଯାନ୍ତ୍ରିକ ପ୍ରଣାଳୀଦ୍ୱାରା କୃଷିର ଉନ୍ନତି ସକାଶେ—
ଟ୍ରାକ୍ଟର, ପାୱାରଟିଲର ଇତ୍ୟାଦି ଯନ୍ତ୍ରପାତି କିଣିବା

(ଗ) ଅର୍ଥକରୀ ଫସଲ ଚାଷ ସକାଶେ—
ନଡ଼ିଆ, କଦଳୀ, ଚା, କଫି ଇତ୍ୟାଦି ଦୀର୍ଘସ୍ଥାୟୀ ବଗିଚା ସୃଷ୍ଟି, ଉପରୋକ୍ତ ଉଦ୍ଦେଶ୍ୟସାଧନ ସକାଶେ ଚଳିତ ସମବାୟ ବର୍ଷରେ ୫ କୋଟି ଟଙ୍କା ଋଣ ଦେବା ବ୍ୟବସ୍ଥା କରାଯାଉଛି ଓ ଚତୁର୍ଥ ଯୋଜନାକାଳରେ ୨୫ କୋଟି ଟଙ୍କା ଋଣ ଦିଆଯିବା ବ୍ୟବସ୍ଥା ହେଉଛି ।

ଓ

ଏହି କଳ୍ପନାକୁ କାର୍ଯ୍ୟକାରୀ କରିବା ସକାଶେ ଆବଶ୍ୟକୀୟ ପାଣ୍ଠି କେନ୍ଦ୍ର ତଥା ରାଜ୍ୟ ସରକାର, ଜାତୀୟ ପ୍ରତିଷ୍ଠାନ ତଥା ଦେଶବାସୀଙ୍କଠାରୁ ସୁଲଭ ସୁଧ ହାରରେ ଋଣପତ୍ର (ଡିବେଞ୍ଚର) ଦ୍ୱାରା ଉଠାଯାଇଥାଏ ।

ବର୍ତ୍ତମାନ ସୁଦ୍ଧା ଆମର ପ୍ରଗତି :—

| | | | |
|---|---|---|---|
| ଅଂଶ ଧନ .. | ଟ ୫୭,୦୭,୫୯୦ | ଋଣ ଲଗାଣ .. | ଟ ୭,୪୫,୪୪,୯୪୬ |
| ସଞ୍ଚିତ ଓ ଅନ୍ୟାନ୍ୟ ପାଣ୍ଠି | ଟ ୧୧,୦୧,୪୮୮ | ଋଣପତ୍ର ପରିଶୋଧ ପାଣ୍ଠି .. | ଟ ୮୯,୯୧,୨୯୨ |
| ଋଣପତ୍ର (ଡିବେଞ୍ଚର) .. | ଟ ୭,୩୪,୩୬,୫୫୦ | ଅନ୍ୟାନ୍ୟ ଲଗାଣ .. | ଟ ୭୮,୩୮,୩୯୧ |

ଦେଶର ଉନ୍ନତି ଓ ସୁରକ୍ଷା କୃଷି ଉନ୍ନତି ଉପରେ ଓ କୃଷିର ଉନ୍ନତି ଯାନ୍ତ୍ରିକ ଓ ଜଳସେଚିତ ଚାଷ ଉପରେ ନିର୍ଭର କରେ । ଜଳସେଚନ ଓ ଯାନ୍ତ୍ରିକ ଚାଷର ଯୋଜନାର ସବିଶେଷ ବିବରଣୀ ପାଇଁ :—

**ନିକଟସ୍ଥ ପ୍ରାଥମିକ ଭୂ-ବନ୍ଧକ ବ୍ୟାଙ୍କ ବା ଆମ ସହିତ ପତ୍ରାଳାପ କରନ୍ତୁ ।**

ସମ୍ପାଦକ



ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ରାୟଗଡ଼ା ଜେ. କେ. ପେପର ମିଲ୍‌ସରେ ହାଇଡ୍ରୋ ପଲ୍‌ପର କାର୍ଯ୍ୟପ୍ରଣାଳୀ ପରିଦର୍ଶନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଅଗଷ୍ଟ ୧୫ ତାରିଖ ଦିନ ସୁନ୍ଦରଗଡ଼ ଜିଲ୍ଲା ପଞ୍ଚାୟତ ହଲ୍‌ଟାରେ "ଶ୍ରମ ଦର୍ପଣ" ପ୍ରଦର୍ଶନୀ ସ୍ୱାସ୍ଥ୍ୟ ଉପମନ୍ତ୍ରୀ ଶ୍ରୀ ଗୋବିନ୍ଦ ମୁଣ୍ଡା ଉଦ୍‌ଘାଟନ କରୁଛନ୍ତି । ଶ୍ରମିକ ପରିବାରଙ୍କ ତଥ୍ୟ ଓ ବେକାର ବସ୍ତିର ଓ. ଏ. ଡି. ପି. ଶାଖାର ଭୁବନେଶ୍ୱରସ୍ଥ ଫିଲ୍ମ ଏକ୍‌ଜିବିସନ୍ ୟୁନିଟ୍ ଦ୍ୱାରା ଆୟୋଜିତ ହୋଇଛି ।





ଅଗଷ୍ଟ ୧୦ ତାରିଖ ଦିନ କଟକ ନାଗସଭା ସଦନଠାରେ ଅନୁଷ୍ଠିତ ହୋଇଥିବା ସୌରଭ ମାସିକ ପତ୍ରିକାର ବାର୍ଷିକ ଉତ୍ସବରେ ଶିଳ୍ପ ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ହରିହର ପଟେଲ ସଭାପତିତ୍ୱ କରିଥିଲେ । "ସୌରଭ"ର ପୃଷ୍ଠପୋଷକତା କରିଥିବା ହେତୁ ଶ୍ରୀ ସୁରେନ୍ ମହାନ୍ତି ମନ୍ତ୍ରୀଙ୍କ ହାତରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ସୀମାନ୍ତ ଅଞ୍ଚଳରେ ନକ୍ସାଲପନ୍ଥୀମାନଙ୍କର ଉପଦ୍ରବକୁ ଦମନ କରିବା ପାଇଁ ଉପାୟ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ଅଗଷ୍ଟ ୧୧ ଓ ୧୨ ତାରିଖ ଦୁଇ ଦିନ ଭିଶାଖାପାଟଣାଠାରେ ଓଡ଼ିଶା ଓ ଆନ୍ଧ୍ର ରାଜ୍ୟ ସରକାରଙ୍କର ପ୍ରତିନିଧିମାନେ ମିଳିତ ହୋଇ ଆଲୋଚନା କରିଥିଲେ ।
ଆଲୋଚନା ଶେଷ କରିବା ପରେ ସେମାନେ ସ୍ୱସ୍ଥାନକୁ ଫେରୁଛନ୍ତି ।





ଚଳିତ ବର୍ଷ ଅଗଷ୍ଟ ୧୫ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ସ୍ୱାଧୀନତା ଦିବସ ପ୍ୟାରେଡ୍‌ରେ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ପୋଲିସ ଡି. ଆଇ. ଜି. ଶ୍ରୀ କେ. ଧର୍ମଙ୍ଗଦ, ଆଇ. ପି. ଏସ୍.ଙ୍କୁ ପୋଲିସ ପଦକ ପ୍ରଦାନ କରୁଛନ୍ତି ।

## ଛାତ୍ର ସମ୍ବାଦ

ବିଗତ ଗଣତନ୍ତ୍ର ଦିବସ ପ୍ୟାରେଡ୍‌ରେ ଦିଲ୍ଲୀର ଏନ୍. ସି. ସି. କ୍ୟାଡେଟ୍‌ମାନଙ୍କ ଭିତରେ ଭୁବନେଶ୍ୱରସ୍ଥିତ ଓରିଏଣ୍ଟାଲ ଏଣ୍ଡ ଟ୍ରେନିଂ କଲେଜ ପ୍ରଥମ ହୋଇଥିଲା ।

ସ୍ୱାଧୀନତା ଦିବସ ପ୍ୟାରେଡ୍‌ରେ ଖୁର୍ଦ୍ଦାନାଳ କଲେଜ ଏନ୍. ସି. ସି. ଅଧିନାୟକଙ୍କୁ ମୁଖ୍ୟମନ୍ତ୍ରୀ ଶିଲ୍ଡ ଉପହାର ଦେଉଛନ୍ତି ।





ଅଗଷ୍ଟ ୧୫ ତାରିଖ ଦିନ ଭୁବନେଶ୍ୱର ଉଡ଼ାଜାହାଜ ପଡ଼ିଆରେ ବେଗମ୍ ଆନସାରୀ ଓଡ଼ିଶା ଫ୍ଲାଇଂ କ୍ଲବ ବାର୍ଷିକ ଅଧିବେଶନରେ ସର୍ବଶ୍ରେଷ୍ଠ କ୍ୟାଡେଟଙ୍କୁ ଗୋଟିଏ ଉପହାର ଦେଉଛନ୍ତି ।

ଏହି ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ଏସ୍. ଏସ୍. ଆନ୍ସାରୀ ସଭାପତିତ୍ୱ କରିଥିଲେ ।

## ଶତ୍ରେ ସମ୍ବାଦ

ସୁନ୍ଦରଗଡ଼ସ୍ଥ ନାରୀ କଲ୍ୟାଣ କେନ୍ଦ୍ରଠାରେ ଅଗଷ୍ଟ ୧୫ ତାରିଖ ଦିନ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ଆଡ୍‌ଭୋକେଟ ଶ୍ରୀ କେ. ଏମ୍. ବେଙ୍କେଶ୍ୱର୍ ବିଜେତା ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଚିତ୍ରରେ ଜଣେକ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି ।



ରାଧାକୃଷ୍ଣ ବିଶ୍ୱାଳ

# ସ୍ୱାସ୍ଥ୍ୟୋପଯୋଗୀ ବ୍ୟବସ୍ଥା

କଥାରେ ଅଛି ସ୍ୱାସ୍ଥ୍ୟହିଁ ସଂପଦ । ସ୍ୱାସ୍ଥ୍ୟ ବିହୁନେ ମାନବ ଯେତେ ବିଶାଳ ସଂପତ୍ତିର ଅଧିକାରୀ ହେଉନା କାହିଁକି ତା'ର ଜୀବନରେ କେବେହେଲେ ସୁଖଶାନ୍ତି ଆସିବ ନାହିଁ; କିନ୍ତୁ ଏହି ସ୍ୱାସ୍ଥ୍ୟ ଲାଭ ପାଇଁ ଓ ତା'ର ସୁରକ୍ଷା ପାଇଁ କେତେ ଜଣ ବ୍ୟବସ୍ଥା କରନ୍ତି ? ଅନେକ ଲୋକଙ୍କର ଧାରଣା ଯେ ଔଷଧପତ୍ର ସେବନ କରି ସ୍ୱାସ୍ଥ୍ୟର ଉନ୍ନତି ସାଧନ ସଙ୍ଗେ ସଙ୍ଗେ ରୋଗବୈଷମ୍ୟର ଦୂରୀକରଣ କରାଯାଇ ପାରିବ ; କିନ୍ତୁ ଏ ଧାରଣା ଭ୍ରମାତ୍ମକ । ଅସ୍ୱାସ୍ଥ୍ୟକର ପରିବେଷ୍ଟନୀ ମଧ୍ୟରେ ବାସ କରୁଥିଲେ, ଆରୋଗ୍ୟ ଲାଭ ପାଇଁ ଯେତେ ମୂଲ୍ୟବାନ ଔଷଧ ସେବନ କଲେ ଅଥବା ଯେତେ ପୁଷ୍ଟିକର ଖାଦ୍ୟ ବ୍ୟବହାର କଲେ ମଧ୍ୟ ସ୍ୱାସ୍ଥ୍ୟହାନିର ସର୍ବଦା ଆଶଂକା ରହିଥିବ । ମନେ କରନ୍ତୁ, ମେଲେରିଆ ଜ୍ୱର ଉପଶମ ପାଇଁ କୁଇନାଇନ୍ ଦିଆଗଲା ଓ ଉପଯୁକ୍ତ ଖାଦ୍ୟ ମଧ୍ୟ ରୋଗୀକୁ ଦିଆଗଲା; କିନ୍ତୁ ରୋଗୀର ବାସଗୃହର ଚତୁଃପାର୍ଶ୍ୱ ଅପରିଷ୍କାର, ସନ୍ତସନ୍ତିଆ ଓ ଆବର୍ଜନାପୂର୍ଣ୍ଣ ହୋଇ ରହିଥିଲେ, ମଶାଙ୍କ ଉପଦ୍ରବରୁ ମେଲେରିଆ ପୁନଃ ପୁନଃ ଆକ୍ରମଣ କରୁଥିବ । ଅପର ପକ୍ଷେ, ଗୃହର ଚତୁଃପାର୍ଶ୍ୱ ଶୁଷ୍କ ଓ ପରିଷ୍କାରପରିଚ୍ଛନ୍ନ ରଖିଲେ ମଶାଙ୍କ ଦାଉରୁ ରକ୍ଷା ପାଇବା ସଙ୍ଗେ ସଙ୍ଗେ ମେଲେରିଆର ଆକ୍ରମଣରୁ ମଧ୍ୟ ରକ୍ଷା ମିଳି ପାରିବ । ସବୁ ରୋଗର ନିରାକରଣ ନିମନ୍ତେ ଏ ପନ୍ଥା ଅବଲମ୍ବନୀୟ । ସେଥିପାଇଁ କହନ୍ତି "Prevention is better than cure." ରୋଗରେ ଆକ୍ରାନ୍ତ ହେଲେ ଖର୍ଚ୍ଚାନ୍ତ ହୋଇ ଭଲ ହେବା ଅପେକ୍ଷା ରୋଗ ଆକ୍ରମଣ ନକରିବା ପାଇଁ ବ୍ୟବସ୍ଥା ଗ୍ରହଣ କରିବା ଶତଗୁଣେ ଶ୍ରେୟସ୍କର । ଏହି ଜ୍ଞାନ ମନରେ ଉଦୟ ହେଲେ ନିଜକୁ ରୋଗମୁକ୍ତ, ସୁସ୍ଥସବଳ ଓ ପ୍ରଫୁଲ୍ଲ ରଖିବା ସଙ୍ଗେ ସଙ୍ଗେ ନିଜର ପଡ଼ୋଶୀ ତଥା ନଗରବାସୀ ଓ ଦେଶବାସୀଙ୍କୁ ମଧ୍ୟ ସ୍ୱାସ୍ଥ୍ୟବାନ କରାଯାଇ ପାରିବ । ଏ ଦିଗରେ ଦେଶବାସୀ ସମସ୍ତେ ସମ୍ୟକ୍ ଧ୍ୟାନ ଦେବା ଆବଶ୍ୟକ । ଏଭଳି ବ୍ୟବସ୍ଥା ପାଇଁ ଧନର ବିଶେଷ ଆବଶ୍ୟକ ନାହିଁ, କେବଳ ଶୃଙ୍ଖଳିତ ମନର ନିୟୋଗ ତଥା ନାଗରିକ ଦାୟିତ୍ୱ ଜ୍ଞାନ ଉଦ୍ରେକ ହେବା ଦରକାର ।

ପ୍ରଥମେ "Charity begins at home" ନୀତିରେ ଆପଣାର ବାସଗୃହ ଓ ତା'ର ଆଖପାଖ

ଅଞ୍ଚଳକୁ ପରିଷ୍କାରପରିଚ୍ଛନ୍ନ ରଖି ସ୍ୱାସ୍ଥ୍ୟୋପଯୋଗୀ କରିବାକୁ ହେବ । ତା' ବୋଲି ଘରର ସମସ୍ତ ଅଳିଆ ଆବର୍ଜନା ନେଇ ପଡ଼ୋଶୀ ଦୁଆରେ ପକାଇବାକୁ ହେବ ନାହିଁ । ସାଧାରଣତଃ ବଡ଼ ବଡ଼ ସହରର କୋଠାଘରେ ତଳ ମହଲା ଓ ଉପର ମହଲାରେ କମ୍ପା ପଖାପଖି ଲାଗିଥିବା ଘରେ ଲୋକମାନେ ବାସ କରନ୍ତି । ଉପର ମହଲାରେ ବାସ କରୁଥିବା ଲୋକ ନିଜ ଘର ପରିଷ୍କାର କରି ସମସ୍ତ ଆବର୍ଜନା ଓ ଦୂଷିତ ଜଳ ତଳକୁ ପକାଏ । କ୍ରମେ କ୍ରମେ ଏ ସବୁ ଗଦା ହୋଇ ଏପରି ଏକ ଅସ୍ୱାସ୍ଥ୍ୟକର ବାୟୁମଣ୍ଡଳ ସୃଷ୍ଟି କରେ ଯେ ତଳ ମହଲାର ବାସିନ୍ଦା ଯେ କେବଳ ରୋଗରେ ପଡ଼େ ବା ନରକ ଯନ୍ତ୍ରଣା ଭୋଗ କରେ ତାହା ନୁହେଁ, ଯେ ଯେ ସବୁ ଆବର୍ଜନା ପକାଇଥାଏ, ସେ ଦ୍ୱିତଳ ବା ତ୍ରିତଳ ପ୍ରାସାଦରୂପୀ ସ୍ୱର୍ଗରେ ବାସ କଲେ ମଧ୍ୟ ନରକ ଯନ୍ତ୍ରଣାରୁ ନିଜେ ରକ୍ଷା ପାଇ ପାରେ ନାହିଁ । ରୋଗ ବୀଜାଣୁ Boomerang ପରି ତା' ପାଖରେ ପହଞ୍ଚି ଅଟ୍ଟହାସ୍ୟ କରେ । ତେଣୁ ନିଜର ଗୃହ ଓ ଚତୁଃପାର୍ଶ୍ୱ ପରିମଳ ରଖିବା ସଙ୍ଗେ ସଙ୍ଗେ ଯେଉଁ ଅଳିଆ ଆବର୍ଜନା ଦୂରୀକରଣ କରିବାକୁ ହେବ, ତାକୁ ଗୋଟିଏ ନିର୍ଦ୍ଦିଷ୍ଟ ଆବର୍ଜନା ପାତ୍ରରେ ରଖିବାକୁ ହେବ । ପରେ ମ୍ୟୁନିସିପାଲିଟିର ମଇଳା-ବୁହା ଗାଡ଼ି ଆସି ସେଗୁଡ଼ିକୁ ନେଇଯିବ । ଏହା-ଦ୍ୱାରା ନିଜର ବା ପଡ଼ୋଶୀମାନଙ୍କର ସ୍ୱାସ୍ଥ୍ୟ ବିପନ୍ନ ହେବ ନାହିଁ । ଏତ ଗଲା ଘରର କଥା । ଘର ବାହାରର ରାସ୍ତା ନାଳ ଇତ୍ୟାଦି ପରିଷ୍କାରପରିଚ୍ଛନ୍ନ ରଖିବାକୁ ହେବ । ତା' ନ ହେଲେ ସେଥିରୁ ବୀଜାଣୁ ଓ ପୂତିଗନ୍ଧ ବାସଗୃହକୁ ଆସିବାକୁ ବେଶି ସମୟ ଲାଗିବ ନାହିଁ ।

ଆଳସ୍ୟ ବଶତଃ ସାଧାରଣତଃ ଦେଖାଯାଏ ଯେ ଅନେକ ଲୋକ ମ୍ୟୁନିସିପାଲିଟି ପାଇଖାନା ବା ନିର୍ଦ୍ଦିଷ୍ଟ ମଳମୂତ୍ର ତ୍ୟାଗ ସ୍ଥାନକୁ ନ ଯାଇ, ନଳାରେ ବା ନଦୀ କୂଳରେ ମଳମୂତ୍ର ତ୍ୟାଗ କରନ୍ତି । ଏତଦ୍ୱାରା ସମଗ୍ର ବାୟୁମଣ୍ଡଳ ଦୂଷିତ ହୋଇ ଦୁର୍ଗନ୍ଧ ବ୍ୟାପିବା ସଙ୍ଗେ ସଙ୍ଗେ ରୋଗର ବୀଜାଣୁ ସବୁଆଡ଼େ ଖେଳିଯାନ୍ତି । ଏସବୁ ଅଭ୍ୟାସ ପରିତ୍ୟାଗ ସର୍ବଥା ବାଞ୍ଛନୀୟ । ରାସ୍ତାକଡ଼ ବା ପାଣି ନାଳ ପରିଷ୍କାର-ପରିଚ୍ଛନ୍ନ ରଖି ସହରର ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ନିଜକୁ ସ୍ୱାସ୍ଥ୍ୟବାନ ରଖିବା ଉଚିତ ।

ପ୍ରଧାନ ପ୍ରଧାନ ବା ଗଳି ରାସ୍ତା କଡ଼ରେ ବସବାସ କରୁଥିବା ଲୋକଙ୍କର ଗୋଟିଏ ମନ୍ଦ ଅଭ୍ୟାସ ଯେ, ସେମାନେ ଘରର ପାକଶାଳାରୁ ଆବର୍ଜନା ଓ ମଇଳା ପାଣି ରାସ୍ତା ଉପରକୁ ଛାଡ଼ନ୍ତି । ଫଳରେ ଘରର ସାମନାରେ ବହୁ ସମୟ ଧରି ଆବର୍ଜନା କୁଢ଼ କୁଢ଼ ଗଦା ହୋଇ ଅସ୍ୱାସ୍ଥ୍ୟକର ପରିସ୍ଥିତି ଉପୁଜାଏ । ନିଜ ଘରେ ପାଣି ଯିବାର ଉପଯୁକ୍ତ ବ୍ୟବସ୍ଥା କରି ସମସ୍ତ ଅପରିଷ୍କାର ଜଳ ରାସ୍ତାର କଡ଼ ନାଳରେ ଛାଡ଼ିଦେଲେ, ଉପଯୁକ୍ତ ସମୟରେ ସେ ନାଳ ପରିଷ୍କୃତ କରାଯିବ । ସେହିପରି ଆବର୍ଜନା ସବୁ ରାସ୍ତାରେ ନ ପକାଇ ରାସ୍ତା କଡ଼ରେ ଥିବା ନିର୍ଦ୍ଦିଷ୍ଟ ପାତ୍ରରେ ପକାଇଲେ ନିର୍ଦ୍ଦିଷ୍ଟ ସମୟରେ ତାହା ଅନ୍ୟତ୍ର ନିଆଯିବ ।

ରାସ୍ତା ଘାଟ ଓ ସମସ୍ତ ଜଳାଶୟ ଯେପରି ସବୁବେଳେ ପରିଷ୍କାରପରିଚ୍ଛନ୍ନ ରହିବ, ସେଥିପ୍ରତି ପ୍ରତ୍ୟେକ ନାଗରିକ ସତର୍କ ଦୃଷ୍ଟି ଦେବା ଉଚିତ । କଥାରେ ଅଛି ଗାଁ ପରିମଳ ଧୋବା ଲୁଗାରୁ ଜଣାଯାଏ । ସେହିପରି ସହରମାନଙ୍କର ପରିଚ୍ଛନ୍ନତାରୁ ସେ ସହରରେ ବାସ କରୁଥିବା ଲୋକମାନଙ୍କର ସ୍ୱାସ୍ଥ୍ୟରକ୍ଷା ବିଷୟରେ ଜ୍ଞାନ ଓ ସେମାନଙ୍କର ନାଗରିକ ଦାୟିତ୍ୱବୋଧର ପରିଚୟ ମିଳିଥାଏ ।

ଘୋର ପରିତାପ ଓ ଲଜ୍ଜାର ବିଷୟ ଯେ, ବାହାରର ଆଗନ୍ତୁକମାନେ ଆମର ସହରମାନଙ୍କର

ପଦାର୍ପଣ କରିବା ସଙ୍ଗେ ସଙ୍ଗେ ପ୍ରଥମେ ସେଠାକାର ଅସ୍ୱାସ୍ଥ୍ୟକର ପରିସ୍ଥିତି ପ୍ରତି ଦୃଷ୍ଟି ପଡ଼ିଥାଏ । ସହରର ପ୍ରଧାନ ରାସ୍ତାମାନଙ୍କରେ ଗଦା ଗଦା ଅଳିଆ ଆବର୍ଜନା, ନାଳ ନର୍ଦ୍ଦମାର ଉଚ୍ଛୁଳିତ ଦୁର୍ଗନ୍ଧ ଜଳ ସେସବୁ ଆମ ଶିକ୍ଷା, ସଂସ୍କୃତି ଓ ସଭ୍ୟତା ନିନ୍ଦିତ ହୁଏ । ଅବଶ୍ୟ ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳର ପ୍ରଶାସନିକ ସଂସ୍ଥା ଜରିଆରେ ବଡ଼ ବଡ଼ ସହରମାନଙ୍କରେ ପରିଷ୍କାର ଓ ପରିଚ୍ଛନ୍ନତା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇ ପାରିବ ; କିନ୍ତୁ ସହରବାସୀମାନଙ୍କର ସହଯୋଗ ବିନା କୌଣସି କାର୍ଯ୍ୟକ୍ରମ ସଫଳତା ଲାଭକରି ପାରେନା । ରୋଗୀ ଯେପରି ଚିକିତ୍ସକ ସଙ୍ଗେ ସହଯୋଗ କରି ଉପଯୁକ୍ତ ଔଷଧ ଓ ପଥ୍ୟ ନଖାଇଲେ ଚିକିତ୍ସକଙ୍କର ଶତ ପରାମର୍ଶ ଓ ରୋଗ ଉପଶମ କରିବାର ସମସ୍ତ ଚେଷ୍ଟା ବ୍ୟର୍ଥ ହୁଏ, ସେହିପରି ନାଗରିକ ସ୍ୱଭାବରେ ନିଜ ନିଜ ସହରରେ ସ୍ୱାସ୍ଥ୍ୟକର ବାତାବରଣ ସୃଷ୍ଟି ନକଲେ ସରକାର ବା ମ୍ୟୁନିସିପାଲିଟି ଇତ୍ୟାଦିଙ୍କ ଚେଷ୍ଟାରେ ସହରର ସମସ୍ତ ଉନ୍ନତି ଆଶା ଛଳନାମାତ୍ର । ନିଜ ନିଜର ବାସଗୃହ କିମ୍ବା ନିଜ ପାଖକୁ ପରିଷ୍କାରପରିଚ୍ଛନ୍ନ ରଖିବା ପାଇଁ ଅନ୍ୟ ଲୋକଙ୍କ ସ୍ଥାନରେ ଅଳିଆ ଆଦି ଫିଙ୍ଗି ଦେଇ ରଖିବା ଅନୁଚିତ । ଏପରି କି ନିଜ ଘର ବ୍ୟତୀତ ସହରର ଅନ୍ୟାନ୍ୟ ସ୍ଥାନର ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବାକୁ ମଧ୍ୟ ଚେଷ୍ଟା କରିବା ଉଚିତ ।

ଏହି ମନୋଭାବ ଜାଗ୍ରତ କରିବା ପାଇଁ ମ୍ୟୁନିସିପାଲିଟି ଓ ଏନ୍.ଏ.ସି. ମାନଙ୍କରେ ଅଗଷ୍ଟ ମାସ ୧ ତାରିଖଠାରୁ 'ପରିମଳ ସପ୍ତାହ' ପାଳନ କରାଯାଇଛି । ନଗରବାସୀଙ୍କୁ ନିଜ ନିଜର ୱାର୍ଡ଼ ପରିଷ୍କାର ରଖିବା ଦିଗରେ ଉତ୍ସାହିତ କରିବା ଓ ସେମାନଙ୍କୁ ଉପଯୁକ୍ତ ପ୍ରେରଣା ଦେବା ସପ୍ତାହ ପାଳନର ଉଦ୍ଦେଶ୍ୟ । ଏହି ସପ୍ତାହରେ ପ୍ରତ୍ୟେକ ଲୋକଙ୍କୁ ନିଜ ନିଜ ପାଖ ସଫାସୁତୁରା କରିବାକୁ ଅନୁରୋଧ କରାଯାଇଥିଲା । ବିଭିନ୍ନ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଏହି କାର୍ଯ୍ୟରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପୁରସ୍କାରର ମଧ୍ୟ ବ୍ୟବସ୍ଥା ରଖା ଯାଇଥିଲା ।

(୧୫ ପୃଷ୍ଠାର ଅବଶିଷ୍ଟାଂଶ)

୬ । ଅଗଷ୍ଟ ୧୫ ତାରିଖ କିମ୍ବା ଜାନୁଆରି ୨୬ ାରିଖରେ ମ୍ୟୁନିସିପାଲିଟି କିମ୍ବା ନୋଟିଫାଏଡ୍ ରିଆ କାଉନ୍ସିଲଦ୍ୱାରା ଆୟୋଜିତ ଆଉ ଏକ ସ୍ତବରେ ଜଣେ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଜରିଆରେ ହି ପୁରସ୍କାର ବିତରଣ କରାଯିବ ।

ମ୍ୟୁନିସିପାଲିଟି ଓ ନୋଟିଫାଏଡ୍ ଏରିଆ ାଉନ୍ସିଲମାନେ ଚଳିତ ବର୍ଷଠାରୁ ଉପରୋକ୍ତ ାର୍ଯ୍ୟକ୍ରମ ପାଳନ କରିବେ । ପରିମଳ ସପ୍ତାହ ଗତ । ୧ । ୮ । ୧୯୬୯ରୁ ଆରମ୍ଭ ହୋଇଥିଲା । ସେଥି ମିତ୍ତ ବହୁତ ଆଗରୁ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । କାଉନ୍ସିଲରେ ଏ ସଂପର୍କରେ ଏକ ପ୍ରସ୍ତାବ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଏ ସମ୍ବନ୍ଧରେ ସହରରେ ବହୁଳ ପ୍ରଚାର କରିବାକୁ ହେବ ଯେପରି କି ନାଗରିକମାନେ ସେମାନଙ୍କର ଅଞ୍ଚଳ ବର୍ତ୍ତମାନଠାରୁ ପରିଷ୍କାର-ପରିଚ୍ଛନ୍ନ ରଖିବା ପାଇଁ ପ୍ରୋତ୍ସାହିତ ହେବେ ଏବଂ ତାହା ଫଳରେ ଏ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ଅଧିକାରୀ ଓ କାର୍ଯ୍ୟ ନିର୍ବାହକ ଅଧିକାରୀଙ୍କର ପରିଦର୍ଶନ ସମୟରେ ଅଧିକ ନମ୍ବର ପାଇବାକୁ ଯୋଗ୍ୟ ବିବେଚିତ ହେବେ ।

# ଇଣ୍ଡିଆନ୍ ବ୍ୟାଙ୍କ

(ସର୍ବସ୍ୱତ୍ୱ ଅଧିକାରୀ—ଭାରତ ସରକାର)

## ଓଡ଼ିଶାରେ କାର୍ଯ୍ୟାରମ୍ଭ କଲା !!

ଶାଖା ଉନ୍ମୋଚିତ ହେଲା :—

**ଚୌଦ୍ୱାର**—ଚଳିତ ବର୍ଷ ସେପ୍ଟେମ୍ବର ୫ ତାରିଖ
(କଟକ-ସମ୍ବଲପୁର ରୋଡ୍, ଚୌଦ୍ୱାର, ଜିଲ୍ଲା : କଟକ)

**ଭୁବନେଶ୍ୱର**—୧୯୬୮ ବର୍ଷ ସେପ୍ଟେମ୍ବର ୫ ତାରିଖ
(ଚୌଧୁରୀ ମାର୍କେଟ୍, ବାପୁଜୀ ନଗର, ଭୁବନେଶ୍ୱର-୧, ଜିଲ୍ଲା : ପୁରୀ)

**ବ୍ରହ୍ମପୁର**- ଚଳିତ ବର୍ଷ ସେପ୍ଟେମ୍ବର ୭ ତାରିଖ
(ଅରବାନ୍ ବ୍ୟାଙ୍କ୍ ରୋଡ୍, ବ୍ରହ୍ମପୁର-୨, ଜିଲ୍ଲା : ଗଞ୍ଜାମ)

**ଭାରତର ଅର୍ଥନୈତିକ ବିକାଶପାଇଁ ସମ୍ପୂର୍ଣ୍ଣରୂପେ ଉତ୍ସର୍ଗୀକୃତ**

କଲିକତା, ଜାମସେଦ୍‌ପୁର, ଦିଲ୍ଲୀ, ଅହ୍ମଦାବାଦ୍, ବମ୍ବେ ଓ ଭାରତର ଆଉ ଅନେକ ସ୍ଥାନରେ ଏହାର ଶାଖାମାନ ଅଛି ।

ଜି. ଲକ୍ଷ୍ମୀନାରାୟଣନ୍
(ତତ୍ତ୍ୱାବଧାରକ)

ଭି. ପି. ଦତ୍ତ

# ଆଜିର କାଶ୍ମୀର

ଭାରତ ସହିତ କାଶ୍ମୀରର ଚୂଡ଼ାନ୍ତ ମିଶ୍ରଣ ବାଇଶ ବର୍ଷ ତଳେ ହୋଇଥିଲା । ସେହି ଦିନଠାରୁ କାଶ୍ମୀରର ପ୍ରାକୃତିକ ଦୃଶ୍ୟସମ୍ଭାର ଯେପରି ସମସ୍ତଙ୍କ ମନ ଓ ହୃଦୟକୁ ସ୍ପର୍ଶ କରିଛି, ସେହିପରି ଏହା ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ଶକ୍ତିର ବିକାଶପାଇଁ ଯଥେଷ୍ଟ ସୁଯୋଗ ଓ ଆଶା ଦେଇ ଏକ ନୂତନ ସମ୍ଭାବନାର ଅଭ୍ୟୁଦୟର ପଥ ନିର୍ଦ୍ଦେଶ କରିପାରିଛି । କିନ୍ତୁ ଏହି ସମ୍ଭାବନା ସହିତ ଅନେକ ବିପଦ ଓ ଆଶଙ୍କା ଯେ ନାହିଁ, ତାହା କହିବା ସମ୍ଭବ ନୁହେଁ । ଆଭ୍ୟନ୍ତରୀଣ କଳହ ଓ ବିବାଦ ଯୋଗୁଁ ଏହି ନୂତନ ରାଜ୍ୟରେ ଗଣତନ୍ତ୍ର ଓ ଧର୍ମନିରପେକ୍ଷତା ବିପନ୍ନ ହେବାର ସମ୍ଭାବନା ଯେ ନାହିଁ ତା କହିବା ମଧ୍ୟ ସମ୍ଭବ ନୁହେଁ ।

ମୁଁ କାଶ୍ମୀରକୁ ୧୯୩୭, ୧୯୪୫, ୧୯୪୭, ୧୯୬୭ ଏବଂ ୧୯୬୯ରେ ଯାଇଥିଲି । ବର୍ତ୍ତମାନ କାଶ୍ମୀରରେ କୌଣସି ପ୍ରକାର ଉତ୍ତେଜନା କିମ୍ବା ବିବାଦର ଚିହ୍ନ ପର୍ଯ୍ୟନ୍ତ ନାହିଁ । କାଶ୍ମୀର ସମସ୍ୟା ନେଇ ଗଣ୍ଡଗୋଳ ଓ ଉତ୍ତେଜନା ସୃଷ୍ଟି କରୁଥିବା ସଂଗଠନ ଓ ତାର ନେତାମାନେ ବର୍ତ୍ତମାନ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ ନିଜର ଲକ୍ଷ୍ୟ ପୂରଣପାଇଁ ଉଦ୍ୟମ କରିବା ଉଚିତ ହେବ ବୋଲି ଅନୁଭବ କଲେଣି । ଏପରି କି ମୌଲବୀ ଫାରୁକ୍ ଓ ମିର୍ଜା ଆଫଜଲ ବେଗଙ୍କ ପରି ନେତାମାନେ ବର୍ତ୍ତମାନ ଶାନ୍ତିପୂର୍ଣ୍ଣ ସାମ୍ବିଧାନିକ ପନ୍ଥାରେ ନିଜର ଦାବି ହାସଲ କରିବା ସପକ୍ଷରେ ମତ ଦେଲେଣି । ସେମାନଙ୍କର ପ୍ରକୃତରେ ହୃଦୟ ପରିବର୍ତ୍ତନ ହୋଇଛି କି ନାହିଁ ତାହା ଜାଣିବା ସମ୍ଭବ ନହେଲେ ମଧ୍ୟ ପୂର୍ବର ପରିସ୍ଥିତି ବଦଳି ଯାଇଥିବାରୁ ସେମାନଙ୍କୁ ବାଧ୍ୟ ହୋଇ ଏହି ପନ୍ଥା ଗ୍ରହଣ କରିବାକୁ ପଡ଼ିଛି ।

ବର୍ତ୍ତମାନ କାଶ୍ମୀରରେ ପାକିସ୍ତାନ ପ୍ରତି ଥିବା ପୂର୍ବ ମନୋଭାବ ଆଉ ନାହିଁ । କାଶ୍ମୀରର ଜନସାଧାରଣ ପାକିସ୍ତାନର ସାଂପ୍ରତିକ ଘଟଣାବଳୀରେ ନିରାଶ ହୋଇ ବର୍ତ୍ତମାନ ନୂତନ ରାସ୍ତା ଖୋଜୁଛନ୍ତି । କିନ୍ତୁ ଏହାଦ୍ୱାରା ଯେ ସେମାନେ ଭାରତ ପ୍ରତି ଏକାନ୍ତ ଅନୁରକ୍ତ ହୋଇ ପଡିଲେଣି ତାହା ଭାବିବା ଠିକ୍ ହେବ ନାହିଁ । କାଶ୍ମୀରର ଜଣାଶୁଣା ପାକିସ୍ତାନୀ ସମର୍ଥକମାନେ ସେହି ଦେଶର ଗଣ୍ଡଗୋଳ ଓ ଆନ୍ଦୋଳନ ସଂପର୍କରେ ପାକିସ୍ତାନ ରେଡିଓରୁ ଖବର ପାଇ ଅତ୍ୟନ୍ତ ମ୍ରିୟମାଣ ହୋଇ ପଡ଼ିଛନ୍ତି । ଏହା ପୂର୍ବରୁ ପାକିସ୍ତାନ ସଂପର୍କରେ ଭାରତରେ ପ୍ରକାଶିତ ହୋଇଥିବା ସମ୍ବାଦକୁ ସେମାନେ ବିଶ୍ୱାସ କରୁ-

ନଥିଲେ । ଲଣ୍ଡନରେ ପାକିସ୍ତାନ ଅଧିକୃତ ଏପରି କାଶ୍ମୀର ପ୍ରଧାନ ମନ୍ତ୍ରୀର ସ୍ୱାଧୀନ ସଦସ୍ୟ ସାମିମ୍ ଅହମଦ ସାମିମ୍ ଅନେକଗୁଡ଼ିଏ ପ୍ରବନ୍ଧ ଲେଖି ପାକିସ୍ତାନର ଏକଛତ୍ରବାଦ ଶାସନର ସମାଲୋଚନା କରିଛନ୍ତି । ପାକିସ୍ତାନର ଜନସାଧାରଣ ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ ହୋଇ ଭୟରେ କାଳଯାପନ କରୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି ।

କାଶ୍ମୀରର ଜନସାଧାରଣ ୧୯୪୭ ଓ ପୁଣି ଥରେ ୧୯୬୫ ପାକିସ୍ତାନ ଆକ୍ରମଣ ବେଳେ ପାକିସ୍ତାନକୁ ସମର୍ଥନ କରିନଥିଲେ । ଅନ୍ୟ ପକ୍ଷରୁ ୧୯୬୫ରେ ପାକିସ୍ତାନର ଆକ୍ରମଣ ବେଳେ କାଶ୍ମୀରର ବର୍ତ୍ତମାନର ନେତୃତ୍ୱ ଓ ଯୁବଗୋଷ୍ଠୀ ଏବଂ ଅନ୍ୟାନ୍ୟ ଆକ୍ରମଣର ପ୍ରତିରୋଧ ପାଇଁ ଭାରତୀୟ ସେନାବାହିନୀର ସହଯୋଗ ଦେଇଥିଲେ ।

ପାକିସ୍ତାନକୁ ସମର୍ଥନ କରି ଜନମତ କରିବା ଦେଶଦ୍ରୋହର ପରିଚାୟକ ନୁହେଁ ବୋଲି ଆଜି କାଶ୍ମୀରରେ ସ୍ୱୀକାର କରାଗଲାଣି । ବର୍ତ୍ତମାନ କାଶ୍ମୀରର ବିରୋଧୀ ଗୋଷ୍ଠୀ ନେତାମାନେ ସ୍ୱାଧୀନତା, ଗଣତନ୍ତ୍ର ଓ ମୁକ୍ତ ନିର୍ବାଚନ ସପକ୍ଷରେ ଯୁକ୍ତି ବାଢ଼ୁଛନ୍ତି । ଏପରି କି ମୌଲବୀ ଫାରୁକ୍‌ଙ୍କ ପରି ପାକିସ୍ତାନ ସପକ୍ଷବାଦୀ ନେତା ମୋତେ କହିଲେ ଯେ ସେମାନେ ପାକିସ୍ତାନ ସପକ୍ଷରେ ପ୍ରଚାର ନକରି କାଶ୍ମୀରର ଆତ୍ମନିୟନ୍ତ୍ରଣ ପାଇଁ ଉଦ୍ୟମ କରୁଥିଲେ । ଫାରୁକ୍ କହିଲେ ଯେ ଗଣତନ୍ତ୍ର ହେଉଛି ପୃଥିବୀରେ ସର୍ବଶ୍ରେଷ୍ଠ ସ୍ୱୀକୃତ ପନ୍ଥା ଓ କାଶ୍ମୀରରେ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ସେମାନେ ଉଦ୍ୟମ କରିଆସୁଛନ୍ତି ।

କାଶ୍ମୀରର ମୁଖ୍ୟମନ୍ତ୍ରୀ ଶ୍ରୀ ଜି. ଏମ୍. ସାଦିକ ଓ ତାଙ୍କ ସମର୍ଥକମାନଙ୍କ ନେତୃତ୍ୱରେ ଯେଉଁ କୌଶଳ ନୀତି ଅବଲମ୍ବନ କରାଯାଇଛି ତାହା ଏହି ରାଜ୍ୟ ପକ୍ଷରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ବର୍ତ୍ତମାନ ଶ୍ରୀନଗରର ଲୋକତାନ୍ତ୍ରିକତାରେ ଯେ କୌଣସି ଲୋକ ସରକାର କିମ୍ବା ବ୍ୟକ୍ତିବିଶେଷଙ୍କୁ ଖୋଲାଖୋଲି ସମାଲୋଚନା କରିପାରେ । ଏଥିପାଇଁ କୌଣସି ପ୍ରକାର ଦଣ୍ଡ ଦିଆଯିବ ନାହିଁ ବୋଲି ଘୋଷଣା କରାଯାଉଛି । ଫଳରେ ବିରୋଧୀ ଦଳମାନଙ୍କର ବିଦ୍ୱେଷମୂଳକ ସମାଲୋଚନା ବ୍ୟର୍ଥ ହୋଇଯିବା ଭଳି ମନେ ହେଉଛି । ବର୍ତ୍ତମାନର କାଶ୍ମୀର ନେତୃତ୍ୱ ସାଧାରଣ ନିର୍ବାଚନକୁ ଅଧିକ ଗଣତାନ୍ତ୍ରିକ କରିପାରିଛି । ଶେଖ୍ ଅବଦୁଲ୍ଲାଙ୍କ ଅଧ୍ୟକ୍ଷତାରେ ୧୯୫୨ରେ ଯେଉଁ ନିର୍ବାଚନ ହେଲା ସେଥିରେ ସମସ୍ତ ବିଧାନସଭା ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ୧୯୫୭ରେ ବକ୍‌ସି ଗୁଲାମ ମହମ୍ମଦଙ୍କ ସମୟରେ ଯେଉଁ ନିର୍ବାଚନ ହେଲା ସେଥିରେ ବିଧାନସଭାର ୭୫ ଜଣ ସଦସ୍ୟଙ୍କ ମଧ୍ୟରୁ ୪୧ ଜଣ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ୧୯୬୨ରେ ୩୨ ଜଣ ଏବଂ ୧୯୬୭ରେ ୨୨ ଜଣ ସଦସ୍ୟ ବିଧାନସଭାକୁ ବିନା ପ୍ରତିଯୋଗିତାରେ ନିର୍ବାଚିତ ହୋଇଥିଲେ । ଗତ ସାଧାରଣ ନିର୍ବାଚନ ପରଠାରୁ କାଶ୍ମୀରରେ ହୋଇଥିବା ପାଞ୍ଚଟି ଉପ-ନିର୍ବାଚନରେ ତୀବ୍ର ପ୍ରତିଯୋଗିତା ହୋଇ କେତେକ ସ୍ଥଳରେ ବିଜୟୀ ପ୍ରାର୍ଥୀମାନେ ୧,୨୦୦ ଭୋଟ ବ୍ୟବଧାନରେ ମଧ୍ୟ ନିର୍ବାଚିତ ହୋଇଛନ୍ତି । ନିର୍ବାଚନରେ ଭାଗ ନନେବାପାଇଁ ଗଣଭୋଟ ସାମ୍ମୁଖ୍ୟ ନେତାମାନଙ୍କର ନିବେଦନ ବ୍ୟର୍ଥ ହୋଇଯାଇଛି ।

ଶାସନ କ୍ଷମତାରେ ଥିବା କାଶ୍ମୀର ନେତାମାନଙ୍କ ବିରୁଦ୍ଧରେ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣର ଅଭିଯୋଗ ବିରୋଧୀଦଳ ପକ୍ଷରୁ ହୋଇ ଆସୁଛି । ପୂର୍ବତନ ନେତାମାନଙ୍କ ବିରୁଦ୍ଧରେ ହୋଇଥିବା ସମସ୍ତ ଅଭିଯୋଗ ସତ ନହେଲେ ବି କେତେକ ଅଭିଯୋଗର ଯେ ଯଥାର୍ଥତା ନାହିଁ ତାହା କହିବା ସମ୍ଭବ ନୁହେଁ । ନିରପେକ୍ଷ ନିର୍ବାଚନରେ ଜନସାଧାରଣଙ୍କ ବିଶ୍ୱାସ ଦେଖି ଗଣଭୋଟ ସାମ୍ମୁଖ୍ୟ ପକ୍ଷରୁ ନିର୍ବାଚନରେ ଭାଗ ନେବାକୁ ନିଷ୍ପତ୍ତି କରାଯାଇଛି । କାଶ୍ମୀରରେ

ଗଣତାନ୍ତ୍ରିକ ସ୍ୱାଧୀନତାର ସୁବିଧା ଓ ସୁଯୋଗ ଥିବା ବେଳେ ପାକିସ୍ତାନ ଅଧିକୃତ କାଶ୍ମୀରରେ ଜନସାଧାରଣଙ୍କ ପରାଧୀନତା ଓ ଦାସତ୍ୱରେ ସଢ଼ିବାକୁ ପଡୁଛି । ସମଗ୍ର ପାକିସ୍ତାନରେ ବ୍ୟକ୍ତି ସ୍ୱାଧୀନତା ନଥିବା ବେଳେ ଅଧିକୃତ କାଶ୍ମୀରରେ ଏହା ସମ୍ଭବ ହୁଅନ୍ତା କିପରି ? ଆୟୁବ ବିରୋଧୀ ଆନ୍ଦୋଳନ ବେଳେ ଲାହୋରର ଏକ ଜନସଭାରେ ବକ୍ତୃତା ଦେଇ ମିଆଁ ମମତାଜ ଦୌଲତାନା କହିଥିଲେ ଯେ ଗଣତନ୍ତ୍ର ପ୍ରତିଷ୍ଠିତ ନହେଲେ କାଶ୍ମୀରକୁ ଫେରି ପାଇବା ସମ୍ଭବ ହେବ ନାହିଁ ।

ଏ କଥା ମନେ ରଖିବାକୁ ହେବ ଯେ ଆଜାଦ୍ କାଶ୍ମୀରରେ ଏପର୍ଯ୍ୟନ୍ତ କୌଣସି ନିର୍ବାଚନ ହୋଇନାହିଁ ଏବଂ ସ୍ୱାର୍ଥଲିଗୋଷ୍ଠୀର ଅସନ୍ତୋଷ ଯୋଗୁଁ ବହୁ ମନ୍ତ୍ରୀମଣ୍ଡଳ ସରକାରମାନ ଭାଙ୍ଗି ଦିଆଯାଇଛି । ଆଜାଦ୍ କାଶ୍ମୀର ପାଇଁ ପାକିସ୍ତାନ ସରକାର ୧୯୬୮ରେ ଏକ ଆଇନ କରି ଏକ ମନ୍ତ୍ରୀମଣ୍ଡଳ ପରିଷଦ ଗଠନ କରିବାର ବ୍ୟବସ୍ଥା କରିଛନ୍ତି । ଏଥିରେ ବହୁସଂଖ୍ୟକ ସଭ୍ୟ ସରକାରଙ୍କଦ୍ୱାରା ମନୋନୀତ ହେବେ ବୋଲି ବିଶ୍ୱାସ ରହିଛି । ଏହି ଆଇନରେ ସାଧାରଣ ନିର୍ବାଚନର କୌଣସି ବ୍ୟବସ୍ଥା ରଖାଯାଇନାହିଁ । ଏହା ବ୍ୟତୀତ ପାକିସ୍ତାନ ସରକାର ଜଣେ ମୁଖ୍ୟ ପରାମର୍ଶଦାତାଙ୍କୁ ମଧ୍ୟ ନିଯୁକ୍ତ କରିଛନ୍ତି । ଉକ୍ତ ଆଇନ ଅନୁଯାୟୀ ସମସ୍ତ କ୍ଷମତା ଏହି ପରାମର୍ଶଦାତାଙ୍କୁ ଦିଆଯାଇଛି । ପରାମର୍ଶଦାତାଙ୍କ ବିନାଅନୁମତିରେ ଅଧିକୃତ କାଶ୍ମୀର ପାଇଁ କୌଣସି ଆଇନ ପ୍ରଣୟନ କରି କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ । ଅର୍ଥାତ୍ ପାକିସ୍ତାନ ସରକାର ମୁଖ୍ୟ ପରାମର୍ଶଦାତାଙ୍କ ମାଧ୍ୟମରେ ମନ୍ତ୍ରୀମଣ୍ଡଳ ପରିଷଦକୁ ଆଗରେ ରଖି ଆଜାଦ କାଶ୍ମୀରରେ ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା କରିଛନ୍ତି । ଏହା ବିରୁଦ୍ଧରେ ଆଜାଦ କାଶ୍ମୀରର ନେତାମାନେ ବାରମ୍ବାର ପ୍ରତିବାଦ କରିବା ସତ୍ତ୍ୱେ ଅବସ୍ଥାରେ କୌଣସି ପରିବର୍ତ୍ତନ ଘଟି ନାହିଁ । ଆୟୁବ ଶାସନ ବିରୁଦ୍ଧରେ ବିକ୍ଷୋଭ ହେଉଥିବା ବେଳେ ଆଜାଦ କାଶ୍ମୀରର ଜନସାଧାରଣ ଏକଛତ୍ରବାଦ ଶାସନ ବିରୁଦ୍ଧରେ ପ୍ରତିବାଦ କରୁଛନ୍ତି ବୋଲି ସ୍ପଷ୍ଟ ଜଣା ପଡୁଥିଲା ।

ପାକିସ୍ତାନ ଭ୍ରମଣରେ ଯାଇଥିବା ଜଣେ କାଶ୍ମୀର ସାମ୍ବାଦିକଙ୍କ ନିକଟରେ ଆଜାଦ କାଶ୍ମୀରର ବହୁ ରାଜନୈତିକ ନେତା ଭାରତରେ ମିଶିଯିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଏପରି କି କେତେକ ନେତା ସକ୍ରିୟ ରାଜନୀତିରୁ ଅବସର ନେଇ ଶ୍ରୀନଗରର ଡାଲ୍ ହ୍ରଦ କୂଳରେ ଜୀବନର ଅବଶିଷ୍ଟ ଦିନଗୁଡ଼ିକୁ କଟାଇବା ନିମନ୍ତେ ବ୍ୟାକୁଳତା ପ୍ରକାଶ କରିଥିଲେ । ଦେଶ ବିଭାଜନ ପୂର୍ବରୁ କାଶ୍ମୀରର ରାଜନୈତିକ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ମୌଲାନା କୁରେସି ବର୍ତ୍ତମାନ ଆଜାଦ୍ କାଶ୍ମୀରରେ ବାସ କରୁଛନ୍ତି । ସେ ପାକିସ୍ତାନ ଭ୍ରମଣରେ ଯାଇଥିବା ସାମ୍ବାଦିକଙ୍କୁ କହିଲେ ଯେ ସରକାର ଉପହାରରେ ଏକ ବଡ଼ ଘର ଓ ଗୋଟିଏ ମଟରଗାଡ଼ି ବ୍ୟବହାର ପାଇଁ ଦେଇଛନ୍ତି । କିନ୍ତୁ ଏଠାରେ କୌଣସି ସମ୍ମାନ କିମ୍ବା ଆତ୍ମସନ୍ତୋଷ ନାହିଁ । ପାକିସ୍ତାନର ଏକଛତ୍ରବାଦୀ ଶାସକମାନଙ୍କ କବଳରୁ ମୁକ୍ତ ପାଇଁ ଶ୍ରୀନଗରରେ ଏକ ସମ୍ମାନଜନକ ଜୀବନଯାପନ କରିବାକୁ ସେ ଇଚ୍ଛା ପ୍ରକାଶ କରିଥିଲେ ।

# ହିନ୍ଦୁସ୍ଥାନ ଇସ୍ପାତ କମ୍ପାନୀର—
# ନକ୍‌ସା ଓ ପରାମର୍ଶ ବ୍ୟବସ୍ଥା

ମାତ୍ର ୨୦ ବର୍ଷ ତଳେ ମୋଟ ୧.୫ ନିୟୁତ ଟନ୍ ଲୌହପିଣ୍ଡ ଉତ୍ପାଦନ କରୁଥିବା ଉକ୍ତ ଦୁଇଟି ଇସ୍ପାତ କାରଖାନା ଭାରତରେ ଥିଲା । ସ୍ୱାଧୀନ ଭାରତରେ ଅର୍ଥନୈତିକ ଉନ୍ନୟନ ଓ ଶିଳ୍ପ ବିକାଶ ପାଇଁ ଲୁହା ଓ ଇସ୍ପାତର ଆବଶ୍ୟକତା କ୍ରମେ ବୃଦ୍ଧି ପାଇବାକୁ ଲାଗିଲା । ଏଥିପାଇଁ ଦେଶରେ କଞ୍ଚା ମାଲର ଅଭାବ ନଥିଲା । ଫଳରେ ହିନ୍ଦୁସ୍ଥାନ ଇସ୍ପାତ କମ୍ପାନୀ ପକ୍ଷରୁ ରାଉରକେଲା, ଭିଲାଇ ଏବଂ ଦୁର୍ଗାପୁରଠାରେ ତିନୋଟି ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବା ସଙ୍ଗେ ସଙ୍ଗେ ଦୁର୍ଗାପୁରଠାରେ ଏସିଆର ବୃହତ୍ତମ ଆଲୟ ଇସ୍ପାତ କାରଖାନାଟିଏ ମଧ୍ୟ ପ୍ରତିଷ୍ଠା କରାଯାଇଛି । ତୃତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ଇସ୍ପାତ କାରଖାନା ପ୍ରତିଷ୍ଠା ବିଗରେ ଆତ୍ମନିର୍ଭରଶୀଳ ହେବାକୁ ହିନ୍ଦୁସ୍ଥାନ ଇସ୍ପାତ କମ୍ପାନୀ ପକ୍ଷରୁ ୧୯୫୯ରେ କେନ୍ଦ୍ର ଇଂଜିନିୟରିଂ ଓ ନକ୍‌ସା ବ୍ୟୁରୋ ପ୍ରତିଷ୍ଠା କରାଗଲା । ଏହିସବୁ ଇସ୍ପାତ କାରଖାନା ପ୍ରତିଷ୍ଠାର ଅଭିଜ୍ଞତା, ନକ୍‌ସା ତିଆରି ଓ ଇଂଜିନିୟରିଂ ସମସ୍ୟା ସଂପର୍କରେ ଅବଗତ ଥିବା ଭାରତୀୟ ବିଶେଷଜ୍ଞମାନେ ଏହି ଅନୁଷ୍ଠାନରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାକୁ ସୁଯୋଗ ପାଇଲେ ।

ପୂର୍ବ ଅଭିଜ୍ଞତାରୁ ଜଣାଯାଇଛି ଯେ ବୈଦେଶିକ ବିଶେଷଜ୍ଞମାନଙ୍କର ନିଯୁକ୍ତିଦ୍ୱାରା ଅଧିକ ଅର୍ଥ ବ୍ୟୟ କରିବାକୁ ପଡ଼ିଥାଏ । ରାଉରକେଲା କାରଖାନାର ସଂପ୍ରସାରଣ ପାଇଁ ଯେଉଁ କାର୍ଯ୍ୟକ୍ରମ ସ୍ଥିର କରାଗଲା ତାହାର ନକ୍‌ସା ଓ ଇଂଜିନିୟରିଂ ରିପୋର୍ଟ ପ୍ରସ୍ତୁତ କରିବାର ଦାୟିତ୍ୱ ପ୍ରଥମ କରି କେନ୍ଦ୍ର ଇଂଜିନିୟରିଂ ଓ ନକ୍‌ସା ବ୍ୟୁରୋକୁ ଦିଆଗଲା । ଏହି ନକ୍‌ସା ଓ ରିପୋର୍ଟମାନ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ବିଶେଷଜ୍ଞ ଓ ଜର୍ମାନ ସରକାରଙ୍କ ଦ୍ୱାରା ବିନାପରିବର୍ତ୍ତନରେ ସ୍ୱୀକୃତ ହୋଇଥିଲା । ଏହାପରେ ବ୍ୟୁରୋ ଦୁର୍ଗାପୁର ଓ ଭିଲାଇ କାରଖାନାର ସଂପ୍ରସାରଣ କାର୍ଯ୍ୟର ଦାୟିତ୍ୱ ନେଇ ସଫଳତା ହାସଲ କରିଥିଲେ । ଭିଲାଇ କାରଖାନାର ଷଷ୍ଠ ବ୍ଲାଷ୍ଟଫର୍ଣ୍ଣେସର ନକ୍‌ସା ତିଆରି ଓ ଜଟିଳ ନକ୍‌ସା ତିଆରି ସମସ୍ୟାମାନ ସମାଧାନ କରିବାରେ ବ୍ୟୁରୋ ସଫଳତା ଲାଭ କରିଥିଲେ । ବୋକାରୋଠାରେ ପ୍ରତିଷ୍ଠିତ ହୋଇଥିବା ପ୍ରଚଣ୍ଡ ଇସ୍ପାତ କାରଖାନାର ନକ୍‌ସା ତିଆରି, ଇଂଜିନିୟରିଂ ଓ ନିର୍ମାଣ ଦାୟିତ୍ୱ ଏହି ବ୍ୟୁରୋକୁ ଦିଆଯାଇଥିଲା । ଇସ୍ପାତ ଶିଳ୍ପ ସଂପର୍କୀୟ ସମସ୍ତ ବିଷୟରେ ବ୍ୟୁରୋ ଭାରତ ସରକାର ତଥା ହିନ୍ଦୁସ୍ଥାନ ଇସ୍ପାତ କଂପାନୀର ବୈଷୟିକ ପରାମର୍ଶ ଦାତାରୂପେ କାର୍ଯ୍ୟ କରୁଛନ୍ତି ।

ଏହି ବ୍ୟୁରୋରେ ଧାତୁ ଓ ଇନ୍ଧନ ବିଶେଷଜ୍ଞ, ରସାୟନିକ ଓ ଖଣି ଇଂଜିନିୟର, ସେରମିଷ୍ଟ ଏବଂ ମେକାନିକାଲ୍, ସିଭିଲ, ଇଲେକ୍ଟ୍ରିକାଲ ଓ ଷ୍ଟ୍ରକଚରାଲ ଇଂଜିନିୟରମାନେ ଅଛନ୍ତି । ବ୍ୟୁରୋ ପକ୍ଷରୁ ଇସ୍ପାତ ଶିଳ୍ପର ଆବଶ୍ୟକତା ଓ ଦେଶର ଅର୍ଥନୈତିକ ପରିପ୍ରେକ୍ଷୀରେ ଉତ୍ପାଦିତ ଦ୍ରବ୍ୟର ବିକ୍ରୀ ବ୍ୟବସ୍ଥା ସଂପର୍କରେ ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଏ । ଏହା ବ୍ୟତୀତ ପ୍ଲାନ ନିରୂପଣ ଓ ନିର୍ମାଣ ପାଇଁ ଆବଶ୍ୟକୀୟ ଖର୍ଚ୍ଚର ହିସାବ କରିବା ମଧ୍ୟ ବ୍ୟୁରୋର ଅନ୍ୟତମ ଦାୟିତ୍ୱ । ବ୍ୟୁରୋ ଟେଣ୍ଡର କାଗଜ ତିଆରି କରିବାଠାରୁ ଇସ୍ପାତ କାରଖାନା ତିଆରିର ସମସ୍ତ ବିଭାଗ ସହିତ ସଂପୃକ୍ତ ରହିଥାଆନ୍ତି । ପ୍ରତ୍ୟେକ ଇସ୍ପାତ କାରଖାନାର ଜେନେରାଲ ମ୍ୟାନେଜରମାନଙ୍କୁ ବ୍ୟୁରୋ ପକ୍ଷରୁ ନକ୍ସା ଏବଂ ଇଂଜିନିୟରିଂ ସମସ୍ୟା ସଂପର୍କରେ ବିଶେଷଜ୍ଞ ପରାମର୍ଶ ଦିଆଯାଇଥାଏ । ଏହା ବ୍ୟତୀତ ବ୍ୟୁରୋ ଜାତୀୟ ଗବେଷଣାଗାରମାନଙ୍କ ସହିତ ସମ୍ପର୍କ ରକ୍ଷାକରି ବିଭିନ୍ନ ସମସ୍ୟା ସମ୍ପର୍କରେ ଗବେଷଣାମାନ କରିଥାଆନ୍ତି । ବ୍ୟୁରୋର କାର୍ଯ୍ୟଦକ୍ଷତା ଦେଖି ବିଦେଶରୁ ଆସୁଥିବା ବିଶେଷଜ୍ଞମାନେ ଅନେକ ସମୟରେ ଆଶ୍ଚର୍ଯ୍ୟ ହୋଇ ଯାଆନ୍ତି । ନକ୍ସା ତିଆରି ପାଇଁ ବ୍ୟୁରୋ ପକ୍ଷରୁ ଅତ୍ୟାଧୁନିକ ଉପକରଣ ଓ ଯନ୍ତ୍ରପାତିମାନ ବ୍ୟବହାର କରାଯାଏ ।

ଭିଲାଇ ଇସ୍ପାତ କାରଖାନାର ସଂପ୍ରସାରଣ କାର୍ଯ୍ୟ ଏବଂ ବ୍ରିଟେନ, ପଶ୍ଚିମ ଜର୍ମାନୀ, ରୁଷ, ଜାପାନ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଯନ୍ତ୍ରପାତି ପ୍ରତିଷ୍ଠା କରି ବ୍ୟୁରୋର ବିଶେଷଜ୍ଞମାନେ ପୃଥିବୀର ଯେ କୌଣସି ପରାମର୍ଶଦାତା ସଂସ୍ଥାଠାରୁ ଅଧିକ ଅଭିଜ୍ଞତା ହାସଲ କରିଥିବାର ଜଣାପଡ଼ିଛି । ନୂତନ ଇସ୍ପାତ କାରଖାନା ପ୍ରତିଷ୍ଠା ଅପେକ୍ଷା ସଂପ୍ରସାରଣ କାର୍ଯ୍ୟ ଅଧିକ ସମସ୍ୟାବହୁଳ । ସଂପ୍ରସାରଣ କାର୍ଯ୍ୟରେ ଅଭୂତପୂର୍ବ ସଫଳତା ଲାଭ କରିଥିବାରୁ ନୂତନ କାରଖାନା ପ୍ରତିଷ୍ଠା କରିବା ଦିଗରେ ବ୍ୟୁରୋର ଅଧିକ ଆତ୍ମ-ବିଶ୍ୱାସ ଦେଖାଦେଇଛି ।

୧୯୬୮ରେ ବ୍ୟୁରୋ ରାଉରକେଲା ଓ ଦୁର୍ଗାପୁର ଇସ୍ପାତ କାରଖାନାର ଗୁରୁତ୍ୱପୂର୍ଣ୍ଣ ସଂପ୍ରସାରଣ କାର୍ଯ୍ୟ ଶେଷକରି ଅଭୂତପୂର୍ବ ସଫଳତା ଲାଭ କରିଛନ୍ତି । ରାଉରକେଲାର ଟାଣ୍ଡେମ ମିଲପରି ଜଟିଳ ଇଞ୍ଜିନିୟରିଂ କାରଖାନା ବ୍ୟୁରୋ ପକ୍ଷରୁ ମାତ୍ର ସତରମାସ ମଧ୍ୟରେ ଶେଷ କରାଯାଇ ଥିଲା । ବ୍ୟୁରୋର ବିଶେଷଜ୍ଞମାନେ ପ୍ରତ୍ୟେକ ଦାୟିତ୍ୱ ତୁଲାଇବା ବେଳେ କିପରି ଆନ୍ତରିକତା ସହିତ କାର୍ଯ୍ୟ କରିଥାଆନ୍ତି ଏହା ତାର ଅନ୍ୟତମ ଜ୍ୱଳନ୍ତ ଉଦାହରଣ ।

ରାଉରକେଲା ଓ ଦୁର୍ଗାପୁର କାରଖାନାର ସଂପ୍ରସାରଣ କାର୍ଯ୍ୟ ଶେଷ ହେବାପରେ ବ୍ୟୁରୋ ଆଲୟ ଇସ୍ପାତ କାରଖାନା ପ୍ରତିଷ୍ଠା ଓ ସଂପ୍ରସାରଣ ଉପରେ ବିଶେଷ ଦୃଷ୍ଟି ଦେଉଛନ୍ତି । ଦେଶର ଲୁହା ଓ ଇସ୍ପାତ କାରଖାନାର ସଂଖ୍ୟା ବୃଦ୍ଧି ପାଇବା ଫଳରେ ଅଧିକ ପରିମାଣରେ ଅଦରକାରୀ ଲୁହାଖଣ୍ଡମାନ ବହୁ ପରିମାଣରେ ମିଳିବାକୁ ଲାଗିଲାଣି । ଏହି ସବୁ ଲୁହାଖଣ୍ଡକୁ କଞ୍ଚାମାଲରୂପେ ବ୍ୟବହାର କରି ଇସ୍ପାତ ତିଆରି କରିବା ନିମନ୍ତେ ଚିନ୍ତା କରାଯାଉଛି । ଏ ସମ୍ପର୍କରେ ସର୍ଭେ କରିବା ପାଇଁ ବ୍ୟୁରୋକୁ ଦାୟିତ୍ୱ ଦିଆଯାଇଛି ।

ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ବ୍ୟୁରୋର ଅଭିଜ୍ଞତାକୁ ପୂର୍ଣ୍ଣ ବିନିଯୋଗ କରି ଲୌହ ଓ ଇସ୍ପାତ ଶିଳ୍ପର ସଂପ୍ରସାରଣ କରିବାକୁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ନୂତନ ଲୌହ ଓ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ଓ ସମ୍ପ୍ରସାରଣ ପାଇଁ କେବଳ ଅର୍ଥ ନୁହେଁ, ବୈଷୟିକ

(ଅବଶିଷ୍ଟାଂଶ ୩୭ ପୃଷ୍ଠା ଦେଖନ୍ତୁ)

ଏ. ସି. ବାନାର୍ଜୀ

# ରପ୍ତାନୀ ବାଣିଜ୍ୟର ବିକାଶ ପାଇଁ ଶିଳ୍ପସଂପ୍ରସାରଣ ଓ ଉତ୍ପାଦନ ବୃଦ୍ଧି

ବୈଦେଶିକ ବାଣିଜ୍ୟ କ୍ଷେତ୍ରରେ ଅନେକ ବର୍ଷ ଧରି ବହୁଳ ଅସୁବିଧା ଯୋଗୁଁ ଭାରତକୁ ଆୟ ତୁଳନାରେ ଯଥେଷ୍ଟ ବେଶି ଖର୍ଚ୍ଚ କରିବାକୁ ପଡୁଥିବାରୁ ଏବଂ ବୈଦେଶିକ ସାହାଯ୍ୟର ପରିମାଣ କ୍ରମେ କମିଯାଉଥିବାରୁ ଏକ ଅର୍ଥନୈତିକ ବିପର୍ଯ୍ୟୟର ସମ୍ଭାବନା ଦେଖାଦେଇଛି । ଦେଶର ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ଅଧିକରୁ ଅଧିକ ଦ୍ରବ୍ୟ ରପ୍ତାନି କରିବା ଉପରେ ଗୁରୁତ୍ୱ ଦେବା ବ୍ୟତୀତ ଅନ୍ୟ ଉପାୟ ନାହିଁ । ରପ୍ତାନି ବୃଦ୍ଧି ପାଇଲେ ମୋଟ ଜାତୀୟ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଥାଏ । ଏହା ବ୍ୟତୀତ ବୈଷୟିକ ଅଗ୍ରଗତି, ଉତ୍ପାଦନ ମୂଲ୍ୟ ହ୍ରାସ, ବିନିଯୋଗ ହୋଇପାରୁନଥିବା ସମ୍ବଳର ଯଥାର୍ଥ ବ୍ୟବହାର ଏବଂ ଉତ୍ପାଦନର ମାନବୃଦ୍ଧି ହୋଇଥାଏ । ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ୧୯୭୩-୭୪ ମସିହା ବେଳକୁ ରପ୍ତାନି ବାଣିଜ୍ୟ ୧୯ ହଜାର କୋଟି ଟଙ୍କାକୁ ବୃଦ୍ଧି କରି ୧୯୮୧ ବେଳକୁ ବୈଦେଶିକ ସାହାଯ୍ୟ ଉପରେ ନିର୍ଭର ନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଉତ୍ପାଦିତ ଦ୍ରବ୍ୟର ମାନ ବୃଦ୍ଧି କରି ସ୍ୱଦେଶର ଚାହିଦା ଅନୁଯାୟୀ ଶିଳ୍ପ ଉତ୍ପାଦନ ବୃଦ୍ଧି କରିବା ଉପରେ ବର୍ତ୍ତମାନ ଗୁରୁତ୍ୱ ଦିଆଯାଉଛି । ଦେଶର ରପ୍ତାନି ବାଣିଜ୍ୟ ବୃଦ୍ଧି ପାଇଁ ଏପରି ଉତ୍ପାଦନର ଆବଶ୍ୟକତା ଯଥେଷ୍ଟ ବେଶି । ପ୍ରତ୍ୟେକ ଶିଳ୍ପାନୁଷ୍ଠାନ ଓ କୃଷି ଉତ୍ପାଦନ ସହିତ ସଂପୃକ୍ତଥିବା ପ୍ରତିଷ୍ଠାନମାନେ ମୁଖ୍ୟତଃ ଦେଶର ଆବଶ୍ୟକତାକୁ ଚାହିଁ ଉତ୍ପାଦନ କରିଥାଆନ୍ତି । ଏହି ଉତ୍ପାଦନର କେତେକ ଅଂଶ ବିଦେଶକୁ ରପ୍ତାନି କରାଯାଏ; ତେଣୁ ବିଦେଶର ଚାହିଦା ଅନୁଯାୟୀ ବିଭିନ୍ନ ଜିନିଷ ଉତ୍ପାଦନ କରିବାର କ୍ଷମତା ଥିବା ଶିଳ୍ପ ଓ କୃଷି ପ୍ରତିଷ୍ଠାନମାନଙ୍କୁ ବିଦେଶକୁ ରପ୍ତାନି କରିବା ପାଇଁ ଜିନିଷ ଅଧିକ ଉତ୍ପାଦନ କରିବାପାଇଁ ଉତ୍ସାହିତ କରିବା ନିମନ୍ତେ ଏକ ଦୃଢ଼ ନୀତି ପ୍ରଣୟନ କରିବାର ଆବଶ୍ୟକତା ଦେଖା ଦେଇଛି ।

ଶୀଘ୍ର ବିଦେଶୀ ବଜାରରେ ଆଦର ଲାଭ କରି ବିକ୍ରି ହେବାର ସମ୍ଭାବନା ଥିବା ଜିନିଷର ଉତ୍ପାଦନ

ଉପରେ ପ୍ରଥମେ ଜୋର ଦେବାକୁ ପଡ଼ିବ । ଏଥିପାଇଁ ଶିଳ୍ପ ସଂପ୍ରସାରଣ, ନିୟମିତ କଞ୍ଚାମାଲ ଯୋଗାଣ, ଉନ୍ନୟନ ଓ ଗବେଷଣାର ବ୍ୟବସ୍ଥା ଏବଂ ଆଧୁନିକ ପ୍ରଶାସନିକ ବ୍ୟବସ୍ଥା ପ୍ରବର୍ତ୍ତନ କରିବାର ଆବଶ୍ୟକତା ରହିଛି । ଏହା ଦ୍ୱାରା ଅଳ୍ପ ଖର୍ଚ୍ଚରେ ଅଧିକ ମାନର ଅଧିକ ଦ୍ରବ୍ୟ ଉତ୍ପାଦନ କରିବା ସମ୍ଭବପର ହୋଇଥାଏ । ବିଦେଶରେ କୌଣସି ଜିନିଷର ଚାହିଦା ରହିଥିବା ପର୍ଯ୍ୟନ୍ତ ଶିଳ୍ପପତି ଓ ବ୍ୟବସାୟୀମାନେ ନିଜ ଦ୍ରବ୍ୟର ବିକ୍ରୟ ବ୍ୟବସ୍ଥା ସମୟ ଅନୁସାରେ କରି ନ ପାରିଲେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି, ଅର୍ଥାତ୍ ବହୁ ଅର୍ଥ ବ୍ୟୟ କରି ପର୍ଯ୍ୟାପ୍ତ ପରେ ଗୋଟିଏ ପ୍ରକାରର ଜିନିଷ ଉତ୍ପାଦନ କଲାବେଳକୁ ଯଦି ତାହାର ଚାହିଦା ବିଦେଶରେ କମିଯାଏ ତେବେ ଶିଳ୍ପର କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିବ । ଏଥିପାଇଁ ନିୟମିତ ଗବେଷଣାର ଆବଶ୍ୟକତା ରହିଛି ।

ରପ୍ତାନି ବୃଦ୍ଧି ପାଇଁ ଉତ୍ପାଦିତ ହେଉଥିବା ଜିନିଷମାନଙ୍କରେ ଯଥାସମ୍ଭବ ଦେଶୀୟ ଅଂଶ ବ୍ୟବହାର କରାଯିବା ଆବଶ୍ୟକ । ବିଦେଶକୁ ରପ୍ତାନି କରିବା ପାଇଁ ଯେଉଁମାନେ ଜିନିଷମାନ ଉତ୍ପାଦନ କରୁଛନ୍ତି ସେମାନଙ୍କୁ ଅନ୍ତର୍ଜାତିକ ମୂଲ୍ୟରେ କଞ୍ଚା ଓ ଇସ୍ପାତ ଯୋଗାଇ ଦେବା, ସରଞ୍ଜାମ କିଣିବା ପାଇଁ ବୈଦେଶିକ ମୁଦ୍ରାର ବ୍ୟବସ୍ଥା କରିବା ଏବଂ ଅର୍ଥ ସାହାଯ୍ୟ ଦେବାର ଆବଶ୍ୟକତା ରହିଛି । ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ସଂପୃକ୍ତ କେନ୍ଦ୍ର ମନ୍ତ୍ରଣାଳୟ ବର୍ତ୍ତମାନର ନୀତିରେ ବିଶେଷ କୌଣସି ପରିବର୍ତ୍ତନ ନ କରି ରପ୍ତାନି ବାଣିଜ୍ୟର ବିକାଶ ପାଇଁ ପୂର୍ଣ୍ଣ ସାହାଯ୍ୟ କରିବେ ବୋଲି ଆଶା କରାଯାଉଛି । ଏହାଦ୍ୱାରା ବିଦେଶକୁ ଜିନିଷ ପଠାଇ ଦେବାପାଇଁ ଯେଉଁ ଉତ୍ପାଦନକାରୀମାନେ ଆଗ୍ରହ ବ୍ୟକ୍ତ କରିବେ ସେମାନଙ୍କର କୌଣସି ପ୍ରକାର ଭୟ ରହିବ ନାହିଁ ।

ଏହା ବ୍ୟତୀତ ରପ୍ତାନି ଉନ୍ନୟନ ପରିଷଦ, ବୈଦେଶିକ ବାଣିଜ୍ୟ ସଂସ୍ଥା ଓ ରପ୍ତାନିକାରୀମାନଙ୍କର ସଂଗଠନମାନ ରପ୍ତାନିକାରୀଙ୍କୁ ସମସ୍ତ ପ୍ରକାର ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି ।

ଗତ ବର୍ଷ ରପ୍ତାନି ବୃଦ୍ଧି ପାଇଁ ଉତ୍ପାଦନ କରିବାକୁ ଚାହୁଁଥିବା ନୂତନ ଶିଳ୍ପାନୁଷ୍ଠାନମାନଙ୍କୁ ଅଧିକ ସାହାଯ୍ୟ କରିବା ପାଇଁ ସ୍ଥିର କରାଯାଇଛି । ବିଦେଶୀ ସଂସ୍ଥା ସାହାଯ୍ୟରେ ନୂଆ ନୂଆ ଉଦ୍ୟମରେ ଶିଳ୍ପାନୁଷ୍ଠାନର ସଂପ୍ରସାରଣ ପାଇଁ ଉଦ୍ୟମ ହେଲେ ପ୍ରଥମେ ଏହାଦ୍ୱାରା ବୈଦେଶିକ ବାଣିଜ୍ୟ ବୃଦ୍ଧି ପାଇବ କି ନାହିଁ ତାହା ଲକ୍ଷ୍ୟ କରାଯିବ । ଏପରି କି ଯେଉଁ ସବୁ ଶିଳ୍ପ ସଂସ୍ଥାମାନେ ରପ୍ତାନି ବାଣିଜ୍ୟ ବୃଦ୍ଧି ପାଇଁ ଶିଳ୍ପ ସଂପ୍ରସାରଣ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ସାହାଯ୍ୟ ଦେବାପାଇଁ ନିୟମାବଳୀ ସରକାର କେତେକ ପ୍ରସ୍ତାବ ପାଇଁ ଦରଖାସ୍ତମାନ ଆହ୍ୱାନ କରିଛନ୍ତି । ଏଥିପାଇଁ ବୈଦେଶିକ ବାଣିଜ୍ୟ ମନ୍ତ୍ରଣାଳୟରେ ଏକ ନୂତନ ଶାଖା ଖୋଲାଯାଇଛି । ଏହି ଶାଖା କେଉଁସବୁ ଶିଳ୍ପାନୁଷ୍ଠାନମାନଙ୍କରେ ରପ୍ତାନି ଉପଯୋଗୀ ଦ୍ରବ୍ୟମାନ ଉତ୍ପାଦିତ ହେବାର ସମ୍ଭାବନା ରହିଛି ତାହା ସ୍ଥିର କରି ସେହି ଦ୍ରବ୍ୟର ଉତ୍ପାଦନ ବୃଦ୍ଧି ନିମନ୍ତେ ପରାମର୍ଶ ଦେବେ । ଏହା ବ୍ୟତୀତ ଏହି ଶାଖା ସମସ୍ତ ରପ୍ତାନି ଉପଯୋଗୀ ଜିନିଷ ଦ୍ରବ୍ୟ ଉତ୍ପାଦନ କରୁଥିବା ଶିଳ୍ପାନୁଷ୍ଠାନମାନଙ୍କ ସହିତ ସନିଷ୍ଠ ସଂପର୍କ ରଖିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯାଉଛି ।

ଯେଉଁ ସବୁ ଶିଳ୍ପାନୁଷ୍ଠାନମାନେ ଦେଶ ଭିତରେ ଅଧିକ ଚାହିଦା ହୋଇପାରୁଥିବା ଜିନିଷମାନ ଉତ୍ପାଦନ କରୁଛନ୍ତି ଓ ସେମାନଙ୍କ ଜିନିଷର ଚାହିଦା ବିଦେଶୀ ବଜାରରେ ମଧ୍ୟ ଅଧିକ [illegible] ହେବାର ସମ୍ଭାବନା ରହିଛି, ସେହିଭଳି ଶିଳ୍ପାନୁଷ୍ଠାନମାନଙ୍କୁ ପ୍ରଥମେ ସଂପ୍ରସାରଣ ପାଇଁ ଅର୍ଥିକ ସାହାଯ୍ୟ ଓ

ଅନ୍ୟାନ୍ୟ ସୁବିଧାମାନ ଦେବାକୁ ସ୍ଥିର କରାଯିବା ଫଳରେ ଏହି ସବୁ ଶିଳ୍ପାନୁଷ୍ଠାନମାନେ ବିଦେଶକୁ ଅଧିକ ରପ୍ତାନି କରିବା ସଙ୍ଗେ ସଙ୍ଗେ ଆଭ୍ୟନ୍ତରୀଣ ବାଣିଜ୍ୟପାଇଁ ଅଧିକ ଉତ୍ପାଦନ କରିବାକୁ ଉତ୍ସାହିତ ହେବେ । ଯେଉଁ ସବୁ ବ୍ୟବସାୟୀ ଓ ଶିଳ୍ପପତିମାନେ ରପ୍ତାନି ବାଣିଜ୍ୟରେ କ୍ଷତି ହୁଏ ବୋଲି ଭାବୁଛନ୍ତି ସେମାନେ ଏହି ନୂତନ ବ୍ୟବସ୍ଥା ଫଳରେ ରପ୍ତାନି ବାଣିଜ୍ୟ ପାଇଁ ଅଧିକ ଆଗ୍ରହୀ ହେବେ ।

ଅଧିକ ଅର୍ଥ ବ୍ୟୟ କରି ଶିଳ୍ପ ସଂପ୍ରସାରଣ ସଂପର୍କରେ ନିଷ୍ପତ୍ତି ନେଲା ବେଳକୁ ନିୟମିତ କଞ୍ଚାମାଲ ଯୋଗାଣ ଓ ଅନ୍ୟାନ୍ୟ ବିଗପ୍ରତି ପ୍ରଥମେ ଦୃଷ୍ଟି ଦେବାକୁ ହେବ । ଏହା ନହେଲେ ରପ୍ତାନି ବାଣିଜ୍ୟ ପାଇଁ ହେଉଥିବା ଉଦ୍ୟମ ବ୍ୟାହତ ହେବାର ସମ୍ଭାବନା ରହିଛି । ଭାରତରୁ ବିଦେଶକୁ ରପ୍ତାନି ହେଉଥିବା ବହୁପରିମାଣର ଇଂଜିନିୟରିଂ ଦ୍ରବ୍ୟର ଉତ୍ପାଦନ ଯେପରି ବ୍ୟାହତ ନ ହୁଏ ସେଥିପ୍ରତି ଦୃଷ୍ଟି ରଖି କେନ୍ଦ୍ର ସରକାର ଏହିସବୁ ଦ୍ରବ୍ୟ ଉତ୍ପାଦନ କରୁଥିବା ଶିଳ୍ପାନୁଷ୍ଠାନମାନଙ୍କୁ ନିୟମିତ ଲୁହା ଓ ଇସ୍ପାତ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ୧୯୬୮-୬୯ ମସିହାରେ ଇଂଜିନିୟରିଂ ଦ୍ରବ୍ୟର ଉତ୍ପାଦନ ଉନ୍ନତିଶିଳ ବ୍ୟବସ୍ଥା ଯୋଗୁଁ ଯଥେଷ୍ଟ ବୃଦ୍ଧି ପାଇଥିବା ଆନନ୍ଦର ବିଷୟ । ପ୍ରକୃତରେ ଉତ୍ପାଦନ ପାଇଁ ଆବଶ୍ୟକ ହେଉଥିବା ଲୁହା ଓ ଇସ୍ପାତ ଯୋଗାଇ ଦେବା ଉପରେ ପ୍ରଥମେ ଗୁରୁତ୍ୱ ଦିଆଯାଉଛି । ଏହାପରେ ରପ୍ତାନି କରୁଥିବା ଶିଳ୍ପପ୍ରତିଷ୍ଠାନମାନଙ୍କୁ ଏହି ସବୁ କଞ୍ଚାମାଲ ଯୋଗାଇ ଦେବା ପାଇଁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ଏକ କଞ୍ଚାମାଲ ବ୍ୟାଙ୍କ ଗଠନ କରିବା ନିମନ୍ତେ ବ୍ୟବସ୍ଥା କରାଯାଉଛି । ରପ୍ତାନି ଉପଯୋଗୀ ଜିନିଷମାନ ଉତ୍ପାଦନ କରିବା ନିମନ୍ତେ ବିଦେଶରୁ କେତେକ ପରିମାଣର କଞ୍ଚାମାଲ ଆମଦାନି କରିବାର ସମ୍ଭାବନା ରହିଛି । କଞ୍ଚାମାଲ ଆମଦାନି କରିବାରେ ଯେଉଁ ପରିମାଣର ବୈଦେଶିକ ମୁଦ୍ରା ବ୍ୟୟ ହେବ ଏହା ସାହାଯ୍ୟରେ ଉତ୍ପନ୍ନ ହେଉଥିବା ଜିନିଷ ରପ୍ତାନି କରି ଅଧିକ ପରିମାଣର ବୈଦେଶିକ ମୁଦ୍ରା ଆୟ କରି ହେବ ବୋଲି ଜଣାଯାଉଛି । ଆବଶ୍ୟକତା ଅନୁଯାୟୀ ଦେଶରେ ଥିବା ଲୌହ ଓ ଇସ୍ପାତ ଶିଳ୍ପର ସଂପ୍ରସାରଣ ପାଇଁ ବିଚାର କରାଯାଉଛି ।

ବିଦେଶରୁ କଞ୍ଚାମାଲ ଆମଦାନୀ କରି ରପ୍ତାନି ଉପଯୋଗୀ ଜିନିଷମାନ ଉତ୍ପାଦନ କଲେ ଉତ୍ପାଦନ ମୂଲ୍ୟ ଯଥେଷ୍ଟ ବେଶି ହେବାର ସମ୍ଭାବନା ରହିଛି । ତେଣୁ ଶିଳ୍ପାନୁଷ୍ଠାନମାନଙ୍କୁ ମୌଳିକ କଞ୍ଚାମାଲ ଯୋଗାଇ ଦେବାର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାପାଇଁ ସରକାରଙ୍କର କେତେକ ଦାୟିତ୍ୱ ରହିଛି ।

ରପ୍ତାନି ପାଇଁ ଉଚ୍ଚ ମାନ ବିଶିଷ୍ଟ ଜିନିଷମାନଙ୍କର ଉତ୍ପାଦନ ବୃଦ୍ଧି କରିବାକୁ ଉଦ୍ୟମ ହେଲେ ଦେଶର ମୋଟ ଉତ୍ପାଦନ ବୃଦ୍ଧି ପାଇବ । ଉତ୍ପାଦନ ବୃଦ୍ଧି ପାଇଁ ଅର୍ଥ, ଯନ୍ତ୍ରପାତି, କଞ୍ଚାମାଲ ଓ ଶ୍ରମର ଉପଯୁକ୍ତ ବିନିଯୋଗର ଆବଶ୍ୟକତା ରହିଛି । ଆଧୁନିକ ପ୍ରଶାସନିକ ବ୍ୟବସ୍ଥା ଅନୁଯାୟୀ ଅଳ୍ପ ବ୍ୟୟରେ ଉତ୍ପାଦନ କରିବା ପାଇଁ ଉଦ୍ୟମ ହେଲେ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ କମିଯିବ ଓ ବିଦେଶରେ ଏହା ପ୍ରତିଯୋଗିତା କରି ପାରିବ । ଏଥିପାଇଁ ବହୁ ଗବେଷଣା ଓ ଅଧ୍ୟୟନର ଆବଶ୍ୟକତା ରହିଛି । ଶିଳ୍ପପତି ଓ ବ୍ୟବସାୟୀମାନେ ଉତ୍ପାଦନ ପ୍ରଣାଳୀକୁ ସରଳ କରି ବିଦେଶୀ ବଜାରର ଗ୍ରାହକମାନଙ୍କୁ ନିୟମିତ ଅନୁଧ୍ୟାନ କରିବା ଉଚିତ ହେବ ।

## ଆମ ଚାଷ ଓ ଚାଷୀ

# ଉନ୍ନତ କିସମର ଜୁଆର ଓ ବାଜରା ଚାଷ

ଦେଶରେ ବ୍ୟାପକ ଅଞ୍ଚଳରେ ଜୁଆର ଚାଷ କରାଯାଏ । ଇତିପୂର୍ବରୁ ବିଭିନ୍ନ ମୃତ୍ତିକା, ଜଳବାୟୁ ଓ ବୃଷ୍ଟି ଅବସ୍ଥାଥିବା କେତେକ ସୀମାବଦ୍ଧ ଅଞ୍ଚଳକୁ ଦୃଷ୍ଟି ଜୁଆରର ଅନେକ କିସମ ପ୍ରସ୍ତୁତ କରାଯାଇଥିଲା । ଭାରତୀୟ କୃଷି ଗବେଷଣା ପରିଷଦଦ୍ୱାରା କାର୍ଯ୍ୟକାରୀ ହେଉଥିବା ନିଖିଳ ଭାରତ ସମନ୍ୱିତ ଜୁଆର ଉନ୍ନୟନ ଯୋଜନା ଅନୁସାରେ ମକା ଭଳି ଜୁଆରର ମଧ୍ୟ ସଙ୍କର ଶକ୍ତିକୁ କାର୍ଯ୍ୟରେ ଲଗାଇବା ବିଷୟ ପରୀକ୍ଷା କରାଯାଇଥିଲା । ଏହି ପରୀକ୍ଷା ଫଳରେ ଦୁଇଟି ସଙ୍କର କିସମ ଚାଷପାଇଁ ମୁକ୍ତ କରାଯାଇଛି । ବହୁ ବ୍ୟାପକ କ୍ଷେତ୍ରରେ ଉପଯୋଗୀ ହୋଇଥିବାରୁ ଏହି ସଙ୍କର କିସମଗୁଡ଼ିକ ଅଧିକାଂଶ ଜୁଆର ଅଞ୍ଚଳରେ ସଫଳତା ସହକାରେ ଚାଷ କରାଯାଇପାରେ ।

ଏହି ଦୁଇଟି ସଙ୍କର କିସମର ଜୁଆର ମଧ୍ୟରୁ ଗୋଟିକର ନାମ ହେଲା "ସି. ଏସ୍. ଏଚ୍"-୧ । ଏହା ୧୯୬୪ ମସିହାରେ ଛଡ଼ା ଯାଇଥିଲା । ଏହା ପ୍ରଥମ ଓ ମଧ୍ୟମ ସମୟରେ ପ୍ରସ୍ତୁତ ହେଉଥିବା ଖରିଫ୍ ଫସଲ ରୂପେ ଏବଂ ଶୀତଦିନ ଗ୍ରୀଷ୍ମକାଳୀନ ଫସଲରୂପେ ଚାଷ କରାଯାଇପାରେ । ଏହା ଅଳ୍ପ ସମୟରେ ପାଚୁଥିବାରୁ (୯୦ ରୁ ୧୦୦ ଦିନ ମଧ୍ୟରେ ପାଚିଯାଏ ) । ଏହାକୁ ଅନ୍ୟାନ୍ୟ ଫସଲ ସହିତ ଚାଷ କରାଯାଇପାରେ । ଅର୍ଥାତ୍ ଧାନ ପରେ ବା ଗହମ ପରେ ବା ଜୁଆର ପରେ ଏହି ଜୁଆରକୁ ଚାଷ କରାଯାଇପାରେ । ଏହାର ଗଛଗୁଡ଼ିକ ୧୫୦ ରୁ ୧୭୦ ସେ: ମି: ଉଚ୍ଚ ହୁଏ । ୫୦-୬୦ ଦିନ ମଧ୍ୟରେ ଏଥିରେ ଫୁଲ ଧରେ ଏବଂ ୧୦୦ ଦିନ ମଧ୍ୟରେ ଏହା ପାଚିଯାଏ । ଏହା ଅଧିକ ବଢ଼ି ଶୋଇପଡ଼େ ନାହିଁ । ଏହାର ଦାନାଗୁଡ଼ିକ ମୁକ୍ତା ପରି ହୁଏ । ଏହାର ରଙ୍ଗ ଦୁଧପରି ରଙ୍ଗ ପରି ହୁଏ ଏବଂ ସ୍ୱାଦୁ ଖୁବ୍ ତୃପ୍ତିକର ହୁଏ । ଏହାର ପୁଷ୍ଟିଗତ ଗୁଣ ମଧ୍ୟ ଭଲ । ଏହା ରନ୍ଧନରେ ସିଝି ଯାଇପାରେ । ଏହାର କୁଟା (ଗୋ-ଖାଦ୍ୟ) ରସୁଆଳ ଓ ପତ୍ରଳିଆ ହୋଇଥାଏ । ଅଙ୍କୁର ମାଛି ଏହାର କ୍ଷତି କରିପାରନ୍ତି । ତେଣୁ ଏହା ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବା ଉଚିତ । ଏଥିରୁ, ପାଣି ମଡ଼ାର ସୁବିଧା ଥିଲେ ହେକ୍ଟରରେ ପ୍ରାୟ ୫ ଟନ୍ ଲେଖାଏଁ ଅମଳ ମିଳେ ।

ବର୍ଷା ଜଳସ୍ୱଳ୍ପ ଅଞ୍ଚଳରେ ଏଥିରୁ ହେକ୍ଟର ପିଛା ୨ରୁ ଅଢ଼େଇ ଟନ୍ ଅମଳ ମିଳେ ।

ସି. ଏସ୍. ଏଚ୍.-୨" କିସମ ୧୯୬୬ ମସିହାରେ ଛଡ଼ା ଯାଇଥିଲା । ମଧ୍ୟମ ଜଳୁଆ ଓ ଉଚ୍ଚଭୂମିରେ ଖରିଫ ଶସ୍ୟ ହିସାବରେ ଏହାକୁ ଚାଷ କରାଯାଇପାରେ । ଏହା ୭୫ ରୁ ୮୦ ଦିନ ମଧ୍ୟରେ ଫୁଲ ଧରେ ଏବଂ ୧୧୫ ରୁ ୧୨୫ ଦିନ ମଧ୍ୟରେ ପାଚେ । ଗଛଗୁଡ଼ିକ ୧୫୦ ରୁ ୨୦୦ ସେ: ମି: ଉଚ୍ଚା ହୁଏ । "ସି. ଏସ୍. ଏଚ୍.-୧" ଯେପରି ଢଳେ ଶୋଇପଡ଼େ ନାହିଁ, ଏହା ମଧ୍ୟ ସେହିପରି । ତେବେ ଏହା ଶୋଇ ପଡ଼ିବାର ଆଶଙ୍କା ଟିକିଏ ଅଧିକ । ଏହାର ଦାନାଗୁଡ଼ିକ ମୁକ୍ତାପରି ହୁଏ । ଏହାର ରଙ୍ଗ ଦୁଧସର ରଙ୍ଗ ପରି ହୋଇଥାଏ । ଏହାର ସ୍ୱାଦୁ ଖୁବ୍ ଭଲ ଏବଂ ଏହା ପୁଷ୍ଟିକାରକ । ଏହା ସହଜରେ ପିଟା ଯାଇପାରେ । ଅଙ୍କୁର ମାଛି ଏହାର କ୍ଷତି କରି ପାରନ୍ତି । ଅନୁକୂଳତମ ଅବସ୍ଥାରେ ଏଥିରୁ ହେକ୍ଟର ପିଛା ୭ ଟନ୍ ଅମଳ ମିଳେ ।

"ସ୍ୱର୍ଣ୍ଣ" ନାମକ କିସମ ୧୯୬୮ ମସିହାରେ ଛଡ଼ା ଯାଇଥିଲା । ଏହା କେବଳ ଏକ ଉତ୍ପାଦନକାରୀ କିସମ । ତେଣୁ କୃଷକମାନେ ନିଜେ ଏଥିରୁ ବିହନ ରଖିପାରନ୍ତି । କିନ୍ତୁ ବିହନ ଜମିଟି ଅନ୍ୟ ଜୁଆର ଜମିଠାରୁ ପୃଥକ୍ କରି ରଖିବାକୁ ହେବ । ସି. ଏଚ୍. ଏସ୍.-୧ ଓ ସି. ଏଚ୍. ଏସ୍.-୨ ଭଳି ସେମାନଙ୍କୁ ଏହି କିସମର ପ୍ରତିବର୍ଷ ନୂଆ ବିହନ ରଖିବା ଦରକାର ନାହିଁ । 'ସ୍ୱର୍ଣ୍ଣ' ନାମକ କିସମର ଗଛ ମଧ୍ୟମ ଉଚ୍ଚା (୧୨୦ ଦିନରେ ୧୫୦ ସେ: ମି:) ହୁଏ ଏବଂ ଏହାର କାଣ୍ଡଗୁଡ଼ିକ ରସୁଆଳ ହୁଏ । ଏହା ଶୋଇପଡ଼େ ନାହିଁ । ଏହା ୬୦ ରୁ ୭୦ ଦିନ ମଧ୍ୟରେ ଫୁଲ ଧରେ । ଦାନା ଗୁଡ଼ିକ ବଡ଼ ବଡ଼, ଦୁଧସର ରଙ୍ଗ, କଠିନ ଓ ଗୋଲାକୃତି ହୁଏ । "ଡାଉନି ମିଲଡିଉ" ରୋଗ ଏହା ସହିପାରେ । କିନ୍ତୁ "ସି. ଏସ୍. ଏଚ୍.-୧" ଓ ସି. ଏସ୍. ଏଚ୍.-୨" ଭଳି ଏହା କାଣ୍ଡବିନ୍ଧା ପୋକ କବଳରେ ପଡ଼ିବାର ଆଶଙ୍କା ରହିଛି । ନିଶ୍ଚିତ ବୃଷ୍ଟିପାତ ଥିବା ଅଞ୍ଚଳରେ ସଅଳ ପାଚୁଥିବା ଖରିଫ ଫସଲରୂପେ ଏହାକୁ ପାଣିମଡ଼ା ଗ୍ରୀଷ୍ମକାଳୀନ ଫସଲରୂପେ ଚାଷ କରାଯାଇପାରେ । ଅବଶ୍ୟ ଏହା "ସି. ଏସ୍. ଏଚ୍.-୧" ଭଳି ଅମଳ ଦିଏ । କିନ୍ତୁ "ସ୍ୱର୍ଣ୍ଣ"ର ଗଛ ସଂଖ୍ୟା ଅଧିକ ହେଉଥିବାରୁ ଏହାର ଅମଳ 'ସି. ଏସ୍. ଏଚ୍.-୧' କିସମ ଠାରୁ ମଧ୍ୟ ଅଧିକ ହୋଇଥାଏ ।

## ବାଜ୍ରା ଚାଷ

ବାଜ୍ରା ଭାରତର ଅନ୍ୟ ଏକ ପ୍ରଧାନ ମିଲେଟ୍ ଜାତୀୟ ଶସ୍ୟ । ଇତିପୂର୍ବରୁ ଅନେକ କିସମର ବାଜ୍ରା ପ୍ରସ୍ତୁତ ହୋଇଥିଲା । କିନ୍ତୁ ଏହାର ଅନୁକୂଳତାର ପରିସର ସୀମାବଦ୍ଧ ଥିଲା ଏବଂ ଅମଳରେ କୃଷକର ନିଜ ବାଜ୍ରା ତୁଳନାରେ ଏହା ଉତ୍କୃଷ୍ଟ ନ ଥିଲା । ଏଥିରୁ ଜଣା ପଡ଼ୁଥିଲା ଯେ ସଙ୍କର କିସମର ବାଜ୍ରା ଅଧିକ ଫଳପ୍ରଦ ହେବ । ବାଜ୍ରା ଫୁଲର ମାଈ ଅଂଶ, ଅଣ୍ଡିରା ଅଂଶ ତୁଳନାରେ ଶୀଘ୍ର ପାକଳ ହୋଇଥାଏ । ଏହାରି ଭିତ୍ତିରେ ବିଶେଷତଃ ମାନ୍ଦ୍ରାଜ ଓ ବମ୍ବେରେ ସଙ୍କର ବାଜ୍ରା ପ୍ରସ୍ତୁତ କରିବାପାଇଁ ଉଦ୍ୟମ ହୋଇଛି । ଅଣ୍ଡିରା ଅଫଳଦାୟକ ବାଜ୍ରା ମିଳିଥିବାରୁ ବହୁ ସଂଖ୍ୟକ ସଙ୍କର ଯୋଡ଼ ପ୍ରସ୍ତୁତରେ ବାଟ ଫିଟିଗଲା । ଏହି ଅନୁଧ୍ୟାନ ଫଳରେ ଏ ପର୍ଯ୍ୟନ୍ତ ୪ଟି ସଙ୍କର କିସମର ବାଜ୍ରା ଚାଷ ପାଇଁ ଛଡ଼ା ଯାଇଛି । ଏହାଙ୍କି ଶସ୍ୟର ଉପାଦେୟତା ଶକ୍ତି ସଂପର୍କରେ ଚାଷୀମାନଙ୍କର ଯଥେଷ୍ଟ ଆଗ୍ରହ ସୃଷ୍ଟି କରିଛନ୍ତି ।

ଏଥିମଧ୍ୟରୁ ପ୍ରଥମ ସଙ୍କର କିସମର ବାଜ୍ରା ହେଲା ଏଚ୍. ବି.-୧ । ଏହା ଲୁଧିଆନାରେ ପ୍ରସ୍ତୁତ ହୋଇଥିଲା ଏବଂ ୧୯୬୫ ମସିହାରେ ଛଡ଼ା ଯାଇଥିଲା । ଏହାର ଉଚ୍ଚତା ମଧ୍ୟମ ପ୍ରକାର । ଏହା ଛତ୍ରବହୁଳ ହୁଏ ଓ ଏହାର ଶୀଷ ମୋଟା ହୁଏ । ଏଥିରୁ ବହୁଳଭାବେ ପିଲ ବାହାରେ । ଏହା ସବୁଜ କେଣ୍ଡା, ଅନାବୃଷ୍ଟି, ଓ ଅଟି-

ବହୁଳତାର ପ୍ରତିରୋଧ କରେ । ଏହା ଝଡ଼ରେ ଶୋଇପଡ଼େ ନାହିଁ । ଏହାର ଦାନାଗୁଡ଼ିକ ଶ୍ଵେତ ଧୂସର ରଙ୍ଗ, ମଧ୍ୟମାକୃତି ବିଶିଷ୍ଟ ( ପ୍ରତି ୧୦୦୦ରୁ ୬.୭ ଗ୍ରାମ ) ହୁଏ, ଏବଂ ମଧ୍ୟମ ସମୟ (୭୮-୯୦ ଦିନ) ପାକଳ ହୁଏ । ଅମଳବେଳେ ବି ଏହା ସବୁଜ ଥାଏ । ଜଳର ସୁବିଧା ଥିଲେ ଅଧିକ ନାଇଟ୍ରୋଜେନ୍ (ହେକ୍ଟର ପିଛା ୧୨୦ କେଜି) ପ୍ରୟୋଗରେ ଭଲ ଫଳ ଦେଇଥାଏ । ଏହା ବ୍ୟାପକ କ୍ଷେତ୍ରରେ ଅନୁକୂଳ ହୁଏ ଏବଂ ହେକ୍ଟର ପିଛା ୫ ଟନ୍ ପର୍ଯ୍ୟନ୍ତ ଅମଳ ହୁଏ । ଏହାର ହାରାହାରି ହେକ୍ଟର ପିଛା ଅମଳ ପରିମାଣ ହେଉଛି ୪ ଟନ୍ ।

ଏଚ୍. ବି.-୨ ହେଉଛି ଅନ୍ୟ ଏକ ସଂକର କିସମର ବାଜ୍ରା । ଗୁଜରାଟ, କଚ୍ଛ ଓ ରାଜସ୍ଥାନର ଶୁଷ୍କ ଅଞ୍ଚଳପାଇଁ ଏହା ଉପାଦେୟ । ଗଛଗୁଡ଼ିକ ୧୬୦ ସେ: ମି: ଉଚ୍ଚ ଓ ପତ୍ରବହୁଳ ହୁଏ ଏବଂ କାଣ୍ଡ ହେଲେ ବି ସବୁଜ ରହିଥାଏ । କେଣ୍ଡାଗୁଡ଼ିକ ଏକ ସମୟରେ ପାକଳ ହୁଏ । ୮୦ ଦିନରେ ଏହା ପାଚେ । ଦାନାଗୁଡ଼ିକ ଶ୍ଵେତ ଧୂସର, ମଧ୍ୟମ ଆକୃତିର ବଡ଼ବଡ଼ । (୧୦୦୦ ଦାନା—୬.୨ ଗ୍ରାମ ) ହୋଇଥାଏ । ଏଚ୍. ବି ୧ କିସମପାଇଁ ହେକ୍ଟର ପିଛା ହାରାହାରି ୩ ଟନ୍ ଅମଳ ହେଇଥାଏ । ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୬ ଟନରୁ ଅଧିକ ଅମଳ ବି ମିଳିପାରେ । ୧୯୬୭ ମସିହାରେ ଏହାଛଡ଼ା ଯାଇଥିଲା ।

ଏଚ୍. ବି.—୩ କିସମର ସଂକର ବାଜ୍ରା ଜଳାଭାବ ପରିସ୍ଥିତିପାଇଁ ଉପଯୁକ୍ତ । ଏହାର ଗଛଗୁଡ଼ିକ ୧୫୦—୧୬୫ ସେ. ମି. ଡେଙ୍ଗା ହୁଏ ଏବଂ ପ୍ରଶସ୍ତ ପତ୍ରବହୁଳ କାଣ୍ଡ ଥାଏ । ପ୍ରାୟ ୮୦ ଦିନରେ ପାଚେ ଏବଂ ଦାନାଗୁଡ଼ିକ ଶକ୍ତ, ଶିଂଗବିହୀନ, ଶ୍ଵେତ ଧୂସର ରଙ୍ଗ ଓ ମଧ୍ୟମ ଆକୃତି ବିଶିଷ୍ଟ ହୁଏ । (ପ୍ରତି ୧୦୦୦ ଦାନାର ଓଜନ ୭ ଗ୍ରାମ) ।

ଏହା କେତେକ ପରିମାଣରେ ଶେଣୁଆ ଓ କଳା ଶିରାମଣି ରୋଗର ପ୍ରତିରୋଧ କରେ । ଫଳରେ ମୌସୁମୀ ଅଞ୍ଚଳରେ ଏହା ହେକ୍ଟର ପିଛା ଅଡ଼େଇରୁ ତିନି ଟନ ଅମଳ ଦେଇ ପାରେ । ଗୁଜରାଟର ଅନେକ ଅଞ୍ଚଳରେ ଏହା ଏଚ. ବି.-୧ କିସମଠାରୁ ଅଧିକ ଅମଳ ଦେଇଥାଏ । ଗୁଜରାଟ, ମହାରାଷ୍ଟ୍ର, ପଞ୍ଜାବ, ପଶ୍ଚିମ ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶର ଶୁଷ୍କ ଅଞ୍ଚଳରେ ଏହାକୁ ଚାଷପାଇଁ ସୁପାରିଶ କରାଯାଏ । ୧୯୬୮ ମସିହାରେ ଏହା ଚାଷପାଇଁ ଛଡ଼ାଯାଇଛି ।

ଉଲ୍ଲିଖିତ 'ଡବଲ କ୍ରସ ପେଡ଼ି' ପଦ୍ଧତିରେ ପ୍ରସ୍ତୁତ "ଏଚ୍. ଓ.-୪" ନାମକ ସଙ୍କର କିସମ ସଦ୍ୟ ନୂତନ ପଦ୍ଧତିରେ ପ୍ରସ୍ତୁତ ହୋଇଛି । ଏହାର ଗଛଗୁଡ଼ିକ ଡେଙ୍ଗା ହୁଏ (୨୦୦ ସେ: ମି:) । କିନ୍ତୁ ଏହା ଶୋଇପଡ଼େ ନାହିଁ । ଏହାର ପିଲଗୁଡ଼ିକ ସମାନ ସମୟରେ ପାକଳ ହୁଏ । ଏହାର କଣ୍ଡ ମୋଟା, ଲମ୍ବା ବାଡ଼ ଅଛି ବିଶିଷ୍ଟ ହୁଏ ଏବଂ କେଣ୍ଡା ଶିଙ୍ଗହୀନ ହୁଏ । ଦାନାଗୁଡ଼ିକ କ୍ରିମ ସବୁଜମିଶା ହଳଦିଆ ଓ ବଡ଼ ବଡ଼ (୧୦୦୦ ଦାନାକୁ ୧୨ ଗ୍ରାମ) ହୁଏ । ଏହାର ପ୍ରୋଟିନ ଅଂଶ ଯଥେଷ୍ଟ ଥାଏ (ଶତକଡ଼ା ୧୩.୨ ଭାଗ) । ଏହା ସବୁଜ କେଣ୍ଡା ରୋଗର ପ୍ରତିରୋଧ କରେ ଏବଂ କଳା ଶିରାମଣି, ଶେଣୁଆ, ପତ୍ରଦାଗ ଓ ଧଳା ରୋଗର ମଧ୍ୟମଭାବେ ପ୍ରତିରୋଧ କରେ । ଏଚ୍. ବି.-୧ କିସମ ତୁଳନାରେ ଶତକଡ଼ା ୨୦ ଭାଗ ଅଧିକ ଅମଳ ହୁଏ । ଉତ୍ତର ପ୍ରଦେଶ, ଆନ୍ଧ୍ର, ମଧ୍ୟ ପ୍ରଦେଶ, ହରିଆଣା, ମାନ୍ଦ୍ରାଜ ଏବଂ ନିଶ୍ଚିତ ବୃଷ୍ଟିପାତଥିବା ରାଜସ୍ଥାନର କେତେକ ଅଞ୍ଚଳରେ ଏହାର ଚାଷପାଇଁ ସୁପାରିଶ କରାଯାଏ । ୧୯୬୮ ମସିହାରେ ଏହା ଛଡ଼ା ଯାଇଥିଲା ।

## ଭବିଷ୍ୟତର ବାଜ୍ରା

ଉଲ୍ଲିଖିତ ସଙ୍କର କିସମଛଡ଼ା ଅନ୍ୟାନ୍ୟ ଯେଉଁ କିସମରେ ଉଚ୍ଚତା କମ ଓ ଶିଙ୍ଗହୀନ କେଣ୍ଡା ହେବ ଓ

ଯାହା ଅଧିକ ପୁଷ୍ଟିକାରକ ହେବ, ସେ ସମ୍ପର୍କରେ ଗବେଷଣା କରାଯାଉଛି । ଅଧିକ ଅମଳକ୍ଷମ ଗେଣ୍ଡା କିସମ ମଧ୍ୟ ପ୍ରସ୍ତୁତ ହୋଇପାରେ । ଉ ୧୭୪ ନାମକ କିସମ ଏହି ଶ୍ରେଣୀର ଅନ୍ତର୍ଗତ । ଏହା ହେକ୍ଟରେ ପିଛା ୫ ଟନ ଅମଳ ଦେଇ ପାରିବ । ଏହା ଅଧିକ ବଢ଼ି ଜଳେ ଶୋଇପଡ଼ିବ ନାହିଁ ଏବଂ ଏହାର ଫିଲଗୁଡ଼ିକ ଏକ ସମୟରେ ପାକଳ ହେବ । ଏହି କିସମଟି ସଂପର୍କରେ ଗବେଷଣା ଚାଲିଛି । ଚୂଡ଼ାନ୍ତ ଭାବେ ପ୍ରସ୍ତୁତ ହୋଇଗଲେ ଏହା ବୋଧହୁଏ ମଖାଣ ଋତୁରେ ଗ୍ରୀଷ୍ମକାଳୀନ ମାଣ୍ଡିଆର ସ୍ଥାନ ଗ୍ରହଣ କରିବ । କାରଣ ଏହା ଖୁବ କମ ସମୟରେ ପାଚେ ।

(ଭାରତୀୟକୃଷି ଗବେଷଣା ପରିଷଦ) ।

---

(୨୫ ପୃଷ୍ଠାର ଅବଶିଷ୍ଟାଂଶ)

ଜୀବନର ମଧ୍ୟ ଆବଶ୍ୟକତା ରହିଛି । ବ୍ୟୁରୋର ପରାମର୍ଶରେ ବାହାର ସ୍ଥାନରୁ ଦ୍ରବ୍ୟମାନ ଆଣି କରି ଉତ୍ପାଦନକୁ ବହୁମୁଖୀ କରିବା ନିମନ୍ତେ କେନ୍ଦ୍ର ସରକାର ବିଚାର କରୁଛନ୍ତି । ସେହିପରି କେତେକ ଆଧୁନିକ ଧରଣର ଉପାୟ ଅବଲମ୍ବନ କରି ବ୍ଲାଷ୍ଟ ଫର୍ଣ୍ଣେସମାନଙ୍କର ଉତ୍ପାଦନ କ୍ଷମତା ବଢ଼ାଇବା ପାଇଁ ବ୍ୟୁରୋ ପକ୍ଷରୁ ପ୍ରସ୍ତାବ ଦିଆଯାଉଛି ।

ବୈଷୟିକ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭରଶୀଳ କରି ଜାତୀୟ ଅଭିବୃଦ୍ଧି କରିବା ନିମନ୍ତେ ବ୍ୟୁରୋର ଉଦ୍ୟମ ପ୍ରଶଂସନୀୟ ।

---



OGP—MP-II [Home (P. R.)] 42—10,000—12-9-1969



ଶକ୍ତି ଓ ଯାତାୟାତ ବିଭାଗ ମନ୍ତ୍ରୀ ଶ୍ରୀ ବନମାଳୀ ନାୟକ ଅଗଷ୍ଟ ୧୫ ତାରିଖ ଦିନ ଛତ୍ରପୁରଠାରେ ସ୍ୱାଧୀନତା ଦିବସ ପରେଡ଼ ପର୍ଯ୍ୟବେକ୍ଷଣ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଭବାନୀପାଟଣାଠାରେ ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ପରେଡ଼, କୃଷି, ଯୋଜନା ଓ ସମନ୍ୱୟ ବିଭାଗ ଉପମନ୍ତ୍ରୀ ଶ୍ରୀ ବୃନ୍ଦାବନ ତ୍ରିପାଠୀ ପରିଦର୍ଶନ କରିଥିଲେ ।





ଡକ୍ଟର ହରେକୃଷ୍ଣ ମହତାବଙ୍କ ଅଧ୍ୟକ୍ଷତାରେ ଅଗଷ୍ଟ ୨୨ ତାରିଖ ଦିନ ଭୁବନେଶ୍ୱରଠାରେ ଓଡ଼ିଶା ରାଜ୍ୟ ଗାନ୍ଧୀ ଶତବାର୍ଷିକୀ କମିଟି କାର୍ଯ୍ୟକାରୀ କମିଟିର ବୈଠକ ହୋଇଥିଲା ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ହରିହର ପଟେଲ, କୃଷି ଓ ଗୋଷ୍ଠୀଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀ ରାଜବଲ୍ଲଭ ମିଶ୍ର, ଯୋଗାଣ ଓ ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ଉପସ୍ଥିତ ଥିଲେ ।

## ଚିତ୍ରେ ସମ୍ବାଦ

ଅଗଷ୍ଟ ୧୦ ତାରିଖ ଦିନ ଶିକ୍ଷାମନ୍ତ୍ରୀ ଶ୍ରୀ ବନମାଳୀ ପଟ୍ଟନାୟକ ଭୁବନେଶ୍ୱରସ୍ଥ ରବୀନ୍ଦ୍ରମଣ୍ଡପଠାରେ ଅର୍ଥ ବିଭାଗର 'ସାଂସ୍କୃତିକ ସଂଘ' ଉଦ୍‌ଘାଟନ କରିଥିଲେ । ଉକ୍ତ ଉତ୍ସବ ଉପଲକ୍ଷେ "ଧର୍ମ ଓ ପାପ" ନାଟକ ପ୍ରଦର୍ଶିତ ହୋଇଥିଲା ।





ଜାତୀୟ ସ୍ୱଳ୍ପ ସଞ୍ଚୟ ଉପଦେଷ୍ଟା ବୋର୍ଡର ପ୍ରଥମ ବୈଠକ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓଙ୍କ ଅଧ୍ୟକ୍ଷତାରେ ସଚିବାଳୟ ସମ୍ମିଳନୀ କକ୍ଷରେ ଅଗଷ୍ଟ ୨୩ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ଅର୍ଥ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କାର୍ତ୍ତିକଚନ୍ଦ୍ର ମାଝୀ, ମୁଖ୍ୟ ଶାସନ ସଚିବ ଓ ବୋର୍ଡର ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ସଦସ୍ୟମାନେ ମଧ୍ୟ ଉକ୍ତ ସମ୍ମିଳନୀରେ ଯୋଗ ଦେଇଥିଲେ ।

୨୯-୮-୧୯୬୯ ତାରିଖରେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ଜାତୀୟ ସଂହତି କମିଟିର ଦ୍ୱିତୀୟ ବୈଠକ କମିଟିର ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ।



Vol. XXVI, No. 2 — UTKAL PRASANGA — Regd. No. O-29
Licence No. C. R. N. P. 5—Licenced to post without pre-payment



ଭାରତର ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କରିସାରିବା ପରେ ଶ୍ରୀ ଭି. ଭି. ଗିରି, ଯେ କି [illegible] ସାମରିକ ବାହିନୀର [illegible]
ଚଳିତ ବର୍ଷ ଅଗଷ୍ଟ ମାସ ୨୪ ତାରିଖ ରବିବାର ଦିନ ଦିଲ୍ଲୀସ୍ଥ ରାଷ୍ଟ୍ରପତି ଭବନରେ [illegible] ସମସ୍ତ ବାହିନୀ [illegible]
ମିଳିତ ସାମରିକ ଅଭିବାଦନ ଗ୍ରହଣ କରୁଥିବାର ।

ଚିତ୍ରରେ ରାଷ୍ଟ୍ରପତି ଶ୍ରୀ ଭି. ଭି. ଗିରି, ରାଷ୍ଟ୍ରପତି ଭବନର ସମ୍ମୁଖ ପ୍ରାଙ୍ଗଣରେ [illegible] ଏସ. [illegible]
ପ୍ରଦର୍ଶିତ ଅଭିବାଦନ ପରିଦର୍ଶନ କରୁଛନ୍ତି ।

Printed at the Orissa Government
Press, Madhupatna, Cuttack-3